ଆଜି - ମଙ୍ଗଳବାର
ତାରିଖ - ୧୮ ଅଗଷ୍ଟ ୨୦୨୬
ମାସ - ସିଂହ, ଦିନ - ୦୨
ତିଥି - ଷଷ୍ଠୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ସ୍ୱାତୀ, ତୁଳା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୧ : ୦୦
ସୂର୍ଯ୍ୟାସ୍ତ - ୬ : ୧୦: ୦୦
E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-News : www.Ajikali epaper.com

Vol.- 41 ISSUE- 125 R.N.I. REGD. No. 44026/86 ବାଲେଶ୍ୱର ୧୮ ଅଗଷ୍ଟ ୨୦୨୬ ମଙ୍ଗଳବାର BALASORE 18 AUGUST 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ୨.୨.୦୦

"ଅନ୍ୟମାନଙ୍କ ମଧ୍ୟରେ ଯେଉଁ ଭଲଗୁଣ ଅଛି, ତାକୁ ନିଜ ଭିତରକୁ ଆଣ ଏବଂ ନିଜ ଢଙ୍ଗରେ ତାକୁ ଗ୍ରହଣ କରିନିଅ; ଅନ୍ୟମାନଙ୍କ ଭଳି ହୁଅ ନାହିଁ । "

- ସ୍ୱାମୀ ବିବେକାନନ୍ଦ

ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ ଉପ ରାଷ୍ଟ୍ରପତି

ତିରୁଭାରୁର : କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧିନରେ ପରିଚାଳିତ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସି.ୟୁ.ଟି.ଏନ୍.)ର ଏକାଦଶ ସମାବର୍ତ୍ତନ ଉତ୍ସବ ସୋମବାର ଦିନ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବହୁମୁଖୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପଦ୍ମନାଭନ୍ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱର୍ଣ୍ଣ ପଦକ ଓ ଡିଗ୍ରୀ ପ୍ରଦାନ କରିଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ଶ୍ରୀ ସି.ପି. ରାଧାକୃଷ୍ଣନ କହିଥିଲେ ଯେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରହି ସେ ଅତ୍ୟନ୍ତ ଆନନ୍ଦିତ । ସେ କହିଥିଲେ ଯେ ଏହି ଦିବସ ବିଶ୍ୱବିଦ୍ୟାଳୟ ଇତିହାସରେ ଏକ ଅବିସ୍ମରଣୀୟ ମାଇଲଖୁଣ୍ଟ । ସେ କହିଥିଲେ ଯେ ବର୍ତ୍ତମାନର ସମୟରେ ଶିକ୍ଷାକୁ କେବଳ ପରୀକ୍ଷାରେ ପ୍ରାପ୍ତ ମାର୍କ କିମ୍ବା ଡିଗ୍ରୀ ଆଧାରରେ ଆକଳନ କରାଯାଇପାରିବ ନାହିଁ । ଶିକ୍ଷାର ପ୍ରକୃତ ମୂଲ୍ୟ ବ୍ୟକ୍ତିର ସ୍ୱାଧୀନ ଭାବରେ ଚିନ୍ତା କରିବାର କ୍ଷମତା, ମିଳିତ ଭାବରେ କାର୍ଯ୍ୟ କରିବାର କ୍ଷମତା ଏବଂ ସାରା ଜୀବନ ଶିଖିବା ଜାରି ରଖିବାର ଇଚ୍ଛା ଦ୍ୱାରା ନିର୍ଦ୍ଧାରିତ ହୁଏ । ବହୁବିଷୟକ ଶିକ୍ଷା, ଗବେଷଣା ଏବଂ ଗବେଷଣା ଭିତ୍ତିକ ଶିକ୍ଷାଦାନକୁ ବିଶେଷ ଗୁରୁତ୍ୱ ଦେଇଥିବାରୁ ଉପରାଷ୍ଟ୍ରପତି ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ ।

ବୀରଭୂମ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ଦୁଇ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲାରେ ଘଟିଥିବା ଦୁର୍ଘଟଣାରେ ପ୍ରାଣ ହରାଇଥିବା ଏବଂ ଆହତଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠି (ପିଏମଏନଆରଏଫ) ରୁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛି ଯେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ପିଏମଏନଆରଏଫରୁ ଦୁଇ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦିଆଯିବ । ଆହତମାନଙ୍କୁ ୫୦ ହଜାର ଟଙ୍କା ଦିଆଯିବ । ପଶ୍ଚିମବଙ୍ଗର ବୀରଭୂମରେ ଘଟିଥିବା ଦୁଃଖଦ ଘଟଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ପିଏମଏନଆରଏଫରୁ ଦୁଇ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦,୦୦୦ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତିଏ ହାପୂର୍ବରୁ, ପଶ୍ଚିମବଙ୍ଗର ବୀରଭୂମରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ପ୍ରଧାନମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଥିଲେ । ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ସେ ସମବେଦନା ଜଣାଇବା ସହ ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ।

ଯାଜପୁର ଓ ଭଦ୍ରକର ବନ୍ୟାସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

ବୋଟ୍‌ରେ ବୁଲିଲେ, ଲୋକଙ୍କ ଦୁଃଖଦୁର୍ଦ୍ଦଶା ଶୁଣି ଅଧିକାରୀଙ୍କ ସହ ବନ୍ୟାସ୍ଥିତିର ସମୀକ୍ଷା କଲେ

ଦଶରଥପୁର/ଭଦ୍ରକ : ବନ୍ୟା ପରିସ୍ଥିତିର ସମୀକ୍ଷା ପାଇଁ ଆଜି ଯାଜପୁର ଗସ୍ତରେ ଆସିଛନ୍ତି ମୁଖ୍ୟମନ୍ତ୍ରୀ । ବୋଟ୍‌ରେ ବନ୍ୟା ପ୍ରଭାବିତ ଅଂଟଳ ବୁଲି ସ୍ଥିତି ପରଖିଛନ୍ତି ମୁଖ୍ୟମନ୍ତ୍ରୀ । ତାଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଉପସ୍ଥିତ ଥିଲେ । ଏହାସହ ରାଜ୍ୟ ଅବକାରୀ ଆୟୁକ୍ତ ତଥା ପୂର୍ବତନ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ଯାଜପୁର ଜିଲ୍ଲାପାଳ ଅୟର କର ଓ ଏସପି ୟଶ ପ୍ରତାପ ଶ୍ରୀମଲଙ୍କ ସହ ବିଭିନ୍ନ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ । ଅନ୍ୟପଟେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ ଏବଂ ଜିଲ୍ଲା ପରିଷଦ ସଦସ୍ୟା ମାମିନା ମଲ୍ଲିକ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ପଡିରି ଘାଟରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ବହୁ ସଂଖ୍ୟାରେ ଲୋକ ଏକତ୍ରିତ ହୋଇଥିବାବେଳେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ଓ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି । ଦଶରଥପୁର ବ୍ଲକର ପଡିରି ଘାଟରୁ ସ୍ୱତନ୍ତ୍ର ବୋଟ୍ ଯୋଗେ କସପା ଓ ତରପଦା ପଂଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଅଂଚଳ ବୁଲି ଲୋକଙ୍କ ଦୁଃଖଦୁର୍ଦ୍ଦଶା ଶୁଣିଛନ୍ତି ମୁଖ୍ୟମନ୍ତ୍ରୀ । ସୂଚନାଥାଉକି, ବୈତରଣୀ ନଦୀରେ ଚତୁର୍ଥ ବନ୍ୟା ଆସିବା ପରେ ଦଶରଥପୁରବାସୀଙ୍କ ଦୁର୍ଦ୍ଦଶା ବଢ଼ିଛି । ବ୍ଲକର ଅନେକ ସ୍ଥାନରେ ଘାଇ ଓ ବନ୍ଧ ଧସିବା ଯୋଗୁଁ ବନ୍ୟାଜଳ ଗାଁ ଭିତରକୁ ପଶିଛି । ଜୟନ୍ତରା ମହାପାତ୍ରସାହି ନିକଟ ଘେରିବନ୍ଧରେ ପ୍ରାୟ ୧୨୦ ଫୁଟର ଘାଇ ହୋଇଛି । ସେହିପରି କାଣୀ ନଦୀର ତରପଦା ପଂଚାୟତର ଡୋଭାବିଲ ଓ ପାଟଣା ନିକଟରେ ମଧ୍ୟ ଘାଇ ସୃଷ୍ଟି ହୋଇଛି । ଘାଇ ଦେଇ ବନ୍ୟାଜଳ ପ୍ରବାହିତ ହେବାରୁ ଦଶରଥପୁର ବ୍ଲକର ୧୯ଟି ପଂଚାୟତର ୫୯ଟି ରାଜସ୍ୱ ଗାଁ ପ୍ରଭାବିତ ହୋଇଛି । ପ୍ରାୟ ୯୦ ହଜାର ୮୬୪ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଥିବା ବେଳେ ୩୮ ହଜାର ୭୨୫ ଜଣଙ୍କୁ ପାଣି ଘେରରୁ ଉଦ୍ଧାର କରାଯାଇଛି । ଆଶ୍ରୟସ୍ଥଳୀରେ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ଏପଟେ ସମଗ୍ର ଉତର ଓଡ଼ିଶା ପାଇଁ ପୁଣି ଚିନ୍ତା ବଢ଼ିଲା । ଭଦ୍ରକ ଜିଲ୍ଲା ତିହିଡ଼ି ଅଂଚଳରେ ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପାୱାର ବୋଟ୍ ଯୋଗେ ରେବ ନଦୀର ବନ୍ୟା ପାଣି ଭିତରେ ଯାଇ ବନ୍ୟା ପ୍ରଭାବିତ ଅଂଚଳର ସ୍ଥିତି ପରଖିଲେ ବନ୍ୟା ବିପନ୍ନଙ୍କ ସହାୟତା ଓ ରିଲିଫ୍ ବ୍ୟବସ୍ଥା ନେଇ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ । ଭଦ୍ରକର ରାଜଘାଟରେ ସାଳନ୍ଦୀ ୧୭.୫ ଫୁଟ୍‌ରେ ରହିଛି, ଯାହା ୧୭ ଫୁଟ୍‌ର ଡେଞ୍ଜର ଲେଭଲ୍‌ଠାରୁ ଉପରେ ରହିଛି ବୋଲି ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ ।

ଅଳ୍ପରେ ଖବର

▸▸ ୨୦ ଯାଏ ଭୀଷଣ ବର୍ଷିବ । ଆଉ ୨୬ ବେଳକୁ ଚତୁର୍ଥ ଲଘୁଚାପ ସମ୍ଭାବନା ରହିଛି । ଏପରି ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ । ଉ ଲ ର - ପ ଶ୍ଚି ମ ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ-ଉଲର ଓଡ଼ିଶା ଉପକୂଳ ଉପରେ ଥିବା ଲଘୁଚାପ କ୍ଷେତ୍ର ରବିବାର ଅପରାହ୍ନ ୨ଟା ୩୦ ସୁଦ୍ଧା ସୁସ୍ପଷ୍ଟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି ।

▸▸ ଣି ରାଜ୍ୟରେ ବନ୍ୟା ସ୍ଥିତି ଦେଖାଦେଇଛି । ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ତୃତୀୟ ବନ୍ୟା ଆସିଛି ।

▸▸ ପଶ୍ଚିମବଙ୍ଗର ତାରାପୀଠରେ ଏକ ହୋଟେଲରେ ଅଗ୍ନିକାଣ୍ଡ ଯୋଗୁ ସାତ ଜଣଙ୍କର ମୃତ୍ୟୁ ହୋଇଛି । ଏଥିରେ ପ୍ରାୟ ୧୧ ଜଣ ଆହତ ମଧ୍ୟ ହୋଇଛନ୍ତି ।

▸▸ ବିହାରର ଲଖିସରାଇ ଜିଲ୍ଲାରେ ସୋମବାର ଏକ ବଡ଼ ଘଟଣା ଘଟିଛି । ପ୍ରସିଦ୍ଧ ଅଶୋକ ଧାମ ମନ୍ଦିରରେ ସକାଳେ ପ୍ରବଳ ଭିଡ଼ ଥିଲା । ଶ୍ରାବଣ ମାସର ତୃତୀୟ ସୋମବାର ହୋଇଥିବାରୁ ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା । ଯାହା ଫଳରେ ଦଳାଚକଟା ସ୍ଥିତି ଉପୁଜିଥିଲା ।

ଜଳବନ୍ଦୀ ଅଂଚଳରେ ନଜର ରଖିବା ସହ ରେଳ ଚଳାଚଳ ସୁଗମ କରିବାକୁ ନିର୍ଦ୍ଦେଶ ଦେଲେ ରେଳମନ୍ତ୍ରୀ

ନୂଆଦିଲ୍ଲୀ: ଜାରି ରହିଛି ବର୍ଷା । ଅନେକ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି । ଲଗାଣ ବର୍ଷା ପାଇଁ କିଛି ସ୍ଥାନରେ ଟ୍ରେନ୍ ଟ୍ରାକ ଉପରେ ମଧ୍ୟ ପାଣି ଚାଲୁଥିବା ଦେଖିବାକୁ ମିଳିଛି । ଏହି ଅବସରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଟ ଚଳାଚଳ ସ୍ଥିତି ସମୀକ୍ଷା କରିଛନ୍ତି । ପୂର୍ବତଟ ରେଳପଥ ଅଂଚଳରେ ଜାରି ରହିଥିବା ବର୍ଷା ଓ ରେଳ ଚଳାଚଳ ସ୍ଥିତିର ସମୀକ୍ଷା କରିଛନ୍ତି । ଜଳବନ୍ଦୀ ଅଂଚଳରେ ନଜର ରଖିବାକୁ ଦକ୍ଷିଣ-ପୂର୍ବ ମହାପ୍ରବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ । ବାରିପଦା, ରୁପ୍ସା, ବାଙ୍କିରିପୋଷି ଏବଂ ରାଉରକେଲା-ବନ୍ଧମୁଣ୍ଡା ଭଳି ରେଳପଥରେ ଅତିରିକ୍ତ ସନ୍ଧଳ ଓ କର୍ମଚାରୀ ନିୟୋଜିତ କରି ଟ୍ରେନ୍ ନିରବଚ୍ଛିନ୍ନ ଏବଂ ସୁରକ୍ଷିତ ଚଳାଚଳ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । କହି ରଖୁଛୁ କି, ସୋମବାର ସକାଳେ ବାରିପଦା ଷ୍ଟେସନ ବଜାର ନିକଟରେ ଦବି ଯାଇଥିଲା ରେଳ ଧାରଣା । ଯେଉଁ କାରଣରୁ ୨ଟି ଟ୍ରେନ୍ ମଧ୍ୟ ବାତିଲ୍ ହୋଇଥିଲା । ରେଳ ବିଭାଗ ପକ୍ଷରୁ କାର୍ଯ୍ୟ ଜାରି ରହିଛି ।

ମୋଦୀ ସରକାର ଆଇଏସଆଇ ସମର୍ଥିତ ଆତଙ୍କବାଦୀ ସଂଗଠନ ଶାହଜାଦ ଭଟ୍ଟି ନେଟୱାର୍କକୁ ଧ୍ୱଂସ କରିଛନ୍ତି: ଅମିତ ଶାହ

ନୂଆଦିଲ୍ଲୀ : ସ୍ୱାଧୀନତା ଦିବସ ପୂର୍ବରୁ ସୁରକ୍ଷା ଏଜେନ୍ସି ଗୁଡ଼ିକ ଆଇଏସଆଇ ସମର୍ଥିତ ଆତଙ୍କବାଦୀ ସଂଗଠନ ଶାହଜାଦ ଭଟ୍ଟି ନେଟୱାର୍କ (ଏସବିଏନ) ବିରୋଧରେ ବିଭିନ୍ନ ରାଜ୍ୟରେ ଏକ ବଡ଼ ଧରଣର ଅଭିଯାନ ଚଲାଇ ଏହାର ଆତଙ୍କବାଦୀ ସିଣ୍ଡିକେଟକୁ ନଷ୍ଟ କରିଦେଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ, ସୀମାପାର ଆତଙ୍କବାଦ ପ୍ରତି 'ଶୂନ୍ୟ ସହନଶୀଳତା' ନୀତି ଅଧୀନରେ ୧୪ଟି ରାଜ୍ୟରୁ ୨୫୩ ଜଣଙ୍କୁ ଅଟକ ରଖାଯାଇଛି, ୮୦ରୁ ଅଧିକ ମାମଲା ରୁଜୁ କରାଯାଇଛି ଏବଂ ଏହି ନେଟୱର୍କ ସହ ସଂପୃକ୍ତ ୨୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି । ଏ ସମ୍ପର୍କରେ 'ଏକ୍ସ' ପ୍ଲାଟଫର୍ମରେ ଏକ ପୋଷ୍ଟ କରି କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି, 'ମୋଦୀ ସରକାର ସ୍ୱାଧୀନତା ଦିବସ ପୂର୍ବରୁ ଆଇଏସଆଇ-ସମର୍ଥିତ ଆତଙ୍କବାଦୀ ସଂଗଠନ ଶାହଜାଦ ଭଟ୍ଟି ନେଟୱାର୍କକୁ ଧ୍ୱଂସ କରିଛନ୍ତି ଏବଂ ୨୦୦ରୁ ଅଧିକ ସଦସ୍ୟଙ୍କୁ ଗିରଫ କରି ଏହାର ବଡ଼ ଧରଣର ଆକ୍ରମଣ ଯୋଜନାକୁ ପଣ୍ଡ କରିଛନ୍ତି । ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ-ସହନଶୀଳତା ନୀତିର ଏକ ଉଜ୍ଜ୍ୱଳ ଉଦାହରଣ ପ୍ରଦର୍ଶନ କରି ଭାରତୀୟ ସୁରକ୍ଷା ବାହିନୀ ୧୪ଟି ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରେ ସମନ୍ୱିତ ଅଭିଯାନ ଆରମ୍ଭ କରି ଏହି ନେଟୱାର୍କକୁ ସଂପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି । ଏହି ଆଇଏସଆଇ ସମର୍ଥିତ ଗୋଷ୍ଠୀଠାରୁ ଆଇଇଡି, ପାକିସ୍ତାନ ଅର୍ଡନାନ୍ସ ଫ୍ୟାକ୍ଟ୍ରି ମାର୍କିଂ ଥିବା ଗ୍ରେନେଡ୍, ପିସ୍ତଲ, ଜୀବନ୍ତ ଗୁଳି ଏବଂ ସିସିଟିଭି କ୍ୟାମେରା ସହ ବହୁ ପରିମାଣର ସାମଗ୍ରୀ ଜବତ କରାଯାଇଛି । ଏହି ନେଟୱାର୍କ କେତେକ ଆତଙ୍କବାଦୀ କାର୍ଯ୍ୟକଳାପରେ ସଂପୃକ୍ତ ଥିଲା ।' ଶାହଜାଦ ଭଟ୍ଟି ନେଟୱାର୍କ ହେଉଛି ଏକ ପାକିସ୍ତାନ-ଭିତ୍ତିକ ଏବଂ ଆଇଏସଆଇ ସମର୍ଥିତ ଏକ ଆତଙ୍କବାଦୀ ସିଣ୍ଡିକେଟ୍, ଯାହା ଭାରତସାର। ଗ୍ରେନେଡ୍, ଆଇଇଡି ଓ ପେଟ୍ରୋଲ ବୋମା ଆକ୍ରମଣ ଏବଂ ଲକ୍ଷ୍ୟଭିତ୍ତିକ ହତ୍ୟାକାଣ୍ଡ ସହ ଜଡ଼ିତ । ସୁରକ୍ଷା ବାହିନୀ, ପୁଲିସ ଏବଂ ଧାର୍ମିକ ସ୍ଥଳଗୁଡ଼ିକର ରେକି କରିବା ସହ ଗୁପ୍ତଚର ବ୍ୟବହାର ପାଇଁ ସିସିଟିଭି କ୍ୟାମେରା ଲଗାଇବାକୁ ଏହି ସଂଗଠନ ନିଜର ସ୍ଥାନୀୟ ସହଯୋଗୀମାନଙ୍କୁ ଅର୍ଥ ପ୍ରଦାନ କରୁଥିଲା ।

ଆସନ୍ତା ୨୮ ତାରିଖ ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରାର ୫ମ କିସ୍ତି : ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ସୁଭଦ୍ରା ହିତାଧିକାରୀଙ୍କ ପାଇ ଖୁସି ଖବର । ଆସନ୍ତା ୨୮ ତାରିଖ ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରାର ୫ମ କିସ୍ତି । ନୟାଗଡ଼ରେ ରାଜ୍ୟସ୍ତରୀୟ ସମାବେଶରେ ଏହି ଟଙ୍କା ପ୍ରଦାନ କରାଯିବ । ଏ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଓଡ଼ିଶା ସରକାରଙ୍କ ମହିଳା କଲ୍ୟାଣ ଯୋଜନା 'ସୁଭଦ୍ରା ଯୋଜନା'ର ଯୋଗ୍ୟ ହିତାଧିକାରୀମାନେ ଆସନ୍ତା ଅଗଷ୍ଟ ୨୮ ତାରିଖ, ରକ୍ଷାବନ୍ଧନ ଅବସରରେ ପଂଚମ କିସ୍ତିର ଆର୍ଥିକ ସହାୟତା ପାଇବେ । ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ଏକ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଦିଆଯିବ ସୁଭଦ୍ରା ଟଙ୍କା । ଅଗଷ୍ଟ ୨୮ ତାରିଖ ସୁଦ୍ଧା ଯେଉଁମାନେ ଆବେଦନ କରିଥିବେ ସେମାନଙ୍କୁ ମିଳିବ ସୁଭଦ୍ରା ଟଙ୍କା । ସେ କହିଛନ୍ତି, ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଂଚ ହୋଇ ସୁପାରିସ କରାଯାଇଥିବା ଆବେଦନଗୁଡ଼ିକ ମଧ୍ୟ ପଂଚମ କିସ୍ତିରେ ସାମିଲ ହେବ । ବାଦ ପଡିଯାଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏକା ସଙ ଏ ୫ ଟି କିସ୍ତି ମିଳିବ ବୋଲି ଶ୍ରୀମତୀ ପରିଡ଼ା ସ୍ପଷ୍ଟ କରିଛନ୍ତି ।

ବିଜେପିର ନୂଆ କେନ୍ଦ୍ରୀୟ ସାଙ୍ଗଠନିକ ଟିମ୍ ଘୋଷଣା

ବୈଜୟନ୍ତଙ୍କୁ ମିଳିଲା ଉପାଧ୍ୟକ୍ଷ ପଦବୀ ଏବଂ ସମ୍ବିତ ପାତ୍ରଙ୍କୁ ଉତର ପୂର୍ବ ସଂଯୋଜକ ଦାୟିତ୍ୱ

ନୂଆଦିଲ୍ଲୀ : ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ତାଙ୍କର ନୂଆ କେନ୍ଦ୍ରୀୟ ସାଙ୍ଗଠନିକ ଟିମ୍ ଘୋଷଣା କରିଛନ୍ତି । ଏହି ନୂଆ ଟିମରେ ଅନେକ ଅଭିଜ୍ଞ ନେତାଙ୍କୁ ସ୍ଥାନ ମିଳିଥିବା ବେଳେ ମହିଳା ଓ ଯୁବ ଚେହେରାଙ୍କୁ ପ୍ରାଧାନ୍ୟ ଦିଆଯାଇଛି । ଓଡ଼ିଶା ରାଜନୀତି ଦୃଷ୍ଟିକୋଣରୁ ମଧ୍ୟ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ । ନୀତିନ ନବୀନଙ୍କ ନୂଆ ଟିମରେ ଓଡ଼ିଶାର ବରିଷ୍ଠ ନେତା ତଥା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପଦ ପ୍ରଦାନ କରାଯାଇଛି । ସେହିଭଳି ପୁରୀ ସାଂସଦ ଡ.ସମ୍ବିତ ପାତ୍ରଙ୍କୁ ଉତର ପୂର୍ବ ଭାରତର ସଂଯୋଜକ ଦାୟିତ୍ୱ ମିଳିଛି । ନୀତିନଙ୍କ ଟିମରେ ୧୩ ଜଣଙ୍କୁ ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି । ୮ ଜଣଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି । ବି.ଏଲ ସନ୍ତୋଷଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ୧୬ ବରିଷ୍ଠ ନେତାଙ୍କୁ ରାଷ୍ଟ୍ରୀୟ ସମ୍ପାଦକ ଦାୟିତ୍ୱ ଦିଆଯାଇଛି । ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଙ୍କୁ ଜାତୀୟ ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଛି । ଏହା

ବନ୍ୟା ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଏବଂ ପ୍ରତ୍ୟେକ ପ୍ରଭାବିତ ପରିବାର ନିକଟରେ ସହାୟତା ନପହଂଚିବା ଯାଏଁ ମୋର ପ୍ରୟାସ ନିରନ୍ତର ଜାରି ରହିବ - ବିଧାୟିକା ସୁବାସିନୀ

ବାଲେଶ୍ୱର, (ନି.ପ୍ର.): ବନ୍ୟା ବସ୍ତା ନିର୍ବାଚନମଣ୍ଡଳୀର ଚିର ସହଚର ପାଲଟିଥିବା ବେଳେ ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଜଳକା, ପଳପଳା ଓ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇ ବସ୍ତା ଏବଂ ବାଲିଆପାଳ ବ୍ଲକର ବହୁ ନଦୀକୂଳିଆ ଅଂଚଳ ଜଳମଗ୍ନ ହୋଇପଡ଼ିଛି । ବନ୍ୟା ଯୋଗୁଁ ହଜାର ହଜାର ପରିବାରଙ୍କ ଦୈନନ୍ଦିନ ଜୀବନଯାପନ ସହ ଚାଷବାସ ଓ ଜୀବିକା ଗୁରୁତର ଭାବେ ପ୍ରଭାବିତ ହୋଇଛି । ଗତ ଶୁକ୍ରବାର ବନ୍ୟା ଆସିବା ପରଠାରୁ ଜଳବନ୍ଦୀ ଲୋକଙ୍କ ନିକଟରେ ତ୍ୱରିତ ପ୍ରଶାସନିକ ସହାୟତା ପହଂଚାଇବା ପାଇଁ ବସ୍ତା ବିଧାୟିକା ସୁବାସିନୀ ଜେନା ଅହରହ ପ୍ରୟାସ ଜାରି ରଖିଛନ୍ତି । ବିଭାଗୀୟ ଅଧିକାରୀମାନଙ୍କ ସହ ବିଧାୟିକା ଶ୍ରୀମତୀ ଜେନା ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରି ଗ୍ରାଉଣ୍ଡ ଜିରୋ ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଶୁଖିଲା ଓ ରନ୍ଧା ଖାଦ୍ୟ ବ[ନର ସୁବ୍ୟବସ୍ଥା କରିଛନ୍ତି । ଏଥିସହ ସେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି କ୍ଷତିଗ୍ରସ୍ତ ଅଂଚଳର ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହିତ ରିଲିଫ୍, ପାନୀୟଜଳ, ଚିକିତ୍ସା ସୁବିଧା ଓ ଅନ୍ୟାନ୍ୟ ଜରୁରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ପଦକ୍ଷେପ ନେଇଛନ୍ତି ।ଜଳକା ଓ ପଳପଳା ନଦୀର ବନ୍ୟାଜଳରେ ପ୍ରଭାବିତ ବସ୍ତା ବ୍ଲକର ବାସୁଚକୁରାଇ, ଦୁଧାହଂସା, ମଥାନୀ, କୁଡ଼ିଆ, ସଦାନନ୍ଦପୁର, ପତ୍ରଝଡ଼ା, ଦରଡ଼ା, ମୁକୁଳିସି, ଇଡ଼ିଦା ଓ ସାହାଡ଼ା ପଂଚାୟତ ସମେତ ବାଲିଆପାଳ ବ୍ଲକର କୁଣ୍ଡୁଳି ଏବଂ ସୁବର୍ଣ୍ଣରେଖା ନଦୀ ବନ୍ୟାଜଳରେ ପ୍ରଭାବିତ ଅଷ୍ଟି ପଂଚାୟତକୁ ବିଧାୟିକା ଗସ୍ତ କରି ପ୍ରଭାବିତ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ବାବଦରେ ବୁଝିଥିଲେ । ସେହିପରି ସୋମବାର ଦିନ ସେ ବସ୍ତା ବ୍ଲକର ବାହାର୍ଦ୍ଦା ଓ ରାଉତପଡ଼ା ଏବଂ ବାଲିଆପାଳ ବ୍ଲକର ବଣିଆଡିହା, ବୋଳଂ ଓ ସାଉଡ଼ି ପଂଚାୟତ ପରିଦର୍ଶନ କରି ପ୍ରଭାବିତ ଲୋକଙ୍କ ସମସ୍ୟା ବୁଝିବା ସହିତ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି ପ୍ରଭାବିତ

ପରିବାରଙ୍କୁ ତୁରନ୍ତ ରିଲିଫ୍ ସାମଗ୍ରୀ, ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବନ୍ୟା ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ଜୀବନ ଓ ଜୀବିକାର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ରିଲିଫ୍ ତଥା ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ବିଧାୟିକା ଗୁରୁତ୍ୱାରୋପ କରିଛନ୍ତି । ବନ୍ୟାଜଳ ଛାଡ଼ିବା ପରେ ରାସ୍ତାଘାଟ, ବାସଗୃହ, ଚାଷଜମି ଓ ଅନ୍ୟାନ୍ୟ କ୍ଷୟକ୍ଷତିର ସଠିକ୍ ଆକଳନ କରି ପ୍ରଭାବିତ ପରିବାରଙ୍କୁ ସରକାରୀ ନିୟମାନୁଯାୟୀ ତୁରନ୍ତ କ୍ଷତିପୂରଣ ଓ ପୁନରୁଦ୍ଧାର ସହାୟତା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି । ଏହି ଅବସରରେ ବିଧାୟିକା ସୁବାସିନୀ ଜେନା କହିଛନ୍ତି ‘ବିପଦ ସମୟରେ ଜନସାଧାରଣଙ୍କ ସାଥୀରେ ଠିଆ ହେବା ହିଁ ମୋର ପ୍ରଥମ ଦାୟିତ୍ୱ । ବନ୍ୟା ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଏବଂ ପ୍ରତ୍ୟେକ ପ୍ରଭାବିତ ପରିବାର ନିକଟରେ ସହାୟତା ନପହଂଚିବା ଯାଏଁ ମୋର ପ୍ରୟାସ ନିରନ୍ତର ଜାରି ରହିବ’ । ଉକ୍ତ ଗସ୍ତ ସମୟରେ ସ୍ଥାନୀୟ ପଂଚାୟତ ପ୍ରତିନିଧି, ବରିଷ୍ଠ ନେତୃବୃନ୍ଦ, ବିଭିନ୍ନ ବିଭାଗର ପଦାଧିକାରୀ ତଥା ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ବନ୍ୟା ପରିଚାଳନା ଓ ରିଲିଫ୍ କାର୍ଯ୍ୟରେ ସହଯୋଗ କରିଥିଲେ ।

ରେମୁଣାରେ ବିଜେପି ପକ୍ଷରୁ ଭବ୍ୟ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା

ବାଲେଶ୍ୱର(ନି.ପ୍ର.) ୮ତମ ସ୍ୱାଧୀନତା ଦିବସ ଅବସରରେ ରେମୁଣା ବିଜେପି ପକ୍ଷରୁ ଶନିବାର ଭବ୍ୟ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ କ୍ଷୀରଚୋରା ଓ ମଣିନାଗେଶ୍ୱର ମଣ୍ଡଳରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।ପ୍ରଥମେ କ୍ଷୀରଚୋରା ମଣ୍ଡଳ ସଭାପତି ଶ୍ରୀ ରଘୁନାଥ ପରିଡ଼ାଙ୍କ ନେତୃତ୍ୱରେ ଶେରଗଡ଼ ଛକ ନିକଟରୁ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇ ନୂଆପଡ଼ୀ ପଂଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ।ସେହିପରି ମଣିନାଗେଶ୍ୱର ମଣ୍ଡଳ ସଭାପତି ଶ୍ରୀ ପ୍ରଫୁଲ୍ଲ ଦ୍ୱିବେଦୀଙ୍କ ନେତୃତ୍ୱରେ ଇଶାଣି ଉଡ଼ା ପଡ଼ିଆ ଠାରୁ ରସାଳପୁର ଛକ ପର୍ଯ୍ୟନ୍ତ ଆଉ ଏକ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଥିଲା ।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ‘ହର ଘର ତ୍ରିରଙ୍ଗା’ ଆହ୍ୱାନକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶହ ଶହ ବିଜେପି କାର୍ଯ୍ୟକର୍ତା ଓ ସମର୍ଥକ ତ୍ରିରଙ୍ଗା ଧରି ବାଇକ୍‌ରେ ସାମିଲ ହୋଇଥିଲେ । ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତା ନେଇ ଆୟୋଜିତ ଏହି ଶୋଭାଯାତ୍ରା ରେମୁଣା ଅଂଚଳରେ ଦେଶପ୍ରେମର ଉତ୍ସାହକୁ ଆହୁରି ଦୃଢ଼ କରିଥିଲା । ଏହି ଅବସରରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶ୍ରୀ ନାରାୟଣ ମହନ୍ତ, ବିଧାୟକ ପ୍ରତିନିଧି ଶ୍ରୀ ଲମ୍ବୋଦର ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ପର୍ଶୁରାମ ପରିଡ଼ା, ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଶ୍ରୀ ଆଲୋକ କୁମାର ପଣ୍ଡାଙ୍କ ସମେତ ପ୍ରଶାନ୍ତ ରାଉତ, ଜିତେନ୍ଦ୍ର ସ୍ୱାଇଁ, ଦେବୀପ୍ରସନ୍ନ ବିଶ୍ୱାଳ, ଆଦିତ୍ୟ ବାରିକ, ସୁରଞ୍ଜନ ରାଉତ, ସୁମନ୍ତ ଦାସ, ସୁବ୍ରତ ଦାସ, ସକୟରି ସିଂ, ମଳୟ କୁମାର ବିଶ୍ୱାଳ, ନିଶିକାନ୍ତ ସେଠୀ, ମୁକ୍ତେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

ଲିଡ୍ ଫାଉଣ୍ଡେସନ କାର୍ଯ୍ୟାଳୟ ଉଦ୍‌ଘାଟିତ

ବାଲେଶ୍ୱର(ନି.ପ୍ର.)ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ଲିଡ୍ ଫାଉଣ୍ଡେସନ ପକ୍ଷରୁ ତୁଣ୍ଡରା ଗ୍ରାମପଂଚାୟତରେ ସ୍ୱାଧୀନତା ଦିବସ ପାଳନ ସହିତ ଲିଡ୍ ଫାଉଣ୍ଡେସନ କାର୍ଯ୍ୟାଳୟ ଉଦ୍ଘାଟନ କରାଯାଇଛି ।ଏହି ଅବସରରେ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ବନ୍ଦିତା ନାୟକ, ତୁଣ୍ଡରା ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ବଂଶୀଧର ଦତ, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଭାବେନ୍ଦ୍ର ସତପଥୀ, ଲିଡ୍ ଫାଉଣ୍ଡେସନର ସାଧାରଣ ସମ୍ପାଦକ ତଥା ସମାଜସେବୀ ଶ୍ରୀଯୁକ୍ତ ଅଶୋକ କୁମାର ଦାସ, ଉପସଭାପତି ଶ୍ରୀମତୀ ରଞ୍ଜିତା ରାଣୀ ଜେନା, କୋଷାଧ୍ୟକ୍ଷ ଶ୍ରୀ ରଘୁନାଥ ଜେନାଙ୍କ ସମେତ ଫାଉଣ୍ଡେସନର ଜେନେରାଲ ବଡି ଓ ଏକ୍ଜିକ୍ୟୁଟିଭ ବଡିର

ସଦସ୍ୟମାନେ ଉପସ୍ଥିତ ଥିଲେ । ଏଥିସହ ତୁଣ୍ଡରା ହାଇସ୍କୁଲର ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଓ ବହୁ ବରିଷ୍ଠ ନାଗରିକ ମଧ୍ୟ ଯୋଗଦେଇଥିଲେ ।ଏହି ଅବସରରେ ଲିଡ୍ ଫାଉଣ୍ଡେସନ ସମାଜର ଦଳିତ, ନିଷ୍ପେଷିତ ଓ ବଂଚିତ ବର୍ଗର ଲୋକଙ୍କ ଉନ୍ନତି ପାଇଁ ନିରନ୍ତର କାର୍ଯ୍ୟ କରିବାର ସଂକଳ୍ପ ନେଇଛି । ବିଶେଷକରି ଜୀବିକା, କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ସଂଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜଣାପଡ଼ିଛି ।ଲିଡ୍ ଫାଉଣ୍ଡେସନର ମୁଖ୍ୟ ନାରା ହେଉଛି “ରଣମୁକ୍ତ ଚାଷୀ, ବିଷମୁକ୍ତ ଖାଦ୍ୟ ଏବଂ ଆତ୍ମନିର୍ଭରଶୀଳ କୃଷି ।” ଚାଷୀ ପରିବାରକୁ ଋଣମୁକ୍ତ ଓ ଆତ୍ମନିର୍ଭରଶୀଳ କରିବା ସହିତ ବିଷମୁକ୍ତ ଖାଦ୍ୟ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଫାଉଣ୍ଡେସନର ପ୍ରମୁଖ ଲକ୍ଷ୍ୟ ବୋଲି କୁହାଯାଇଛି । ସ୍ୱାଧୀନତା ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମାଜସେବା, କୃଷକ ସଶକ୍ତିକରଣ ଓ ଆତ୍ମନିର୍ଭର ସମାଜ ଗଠନ ଦିଗରେ ଲିଡ୍ ଫାଉଣ୍ଡେସନ ନିଜର ପ୍ରତିବଦ୍ଧତା ପ୍ରକାଶ କରିଛି ।

‘ପ୍ରଜାପତି’ର ପରିବାର ଦିବସରେ ଅନୁଷ୍ଠିତ ହେଲା ଆଲୋଚନାଚକ୍ର ‘ଶବ୍ଦ ଶକ୍ତି- ପରିବାର ଶାନ୍ତି’

ବାଲେଶ୍ୱର, (ନି.ପ୍ର.): ଶିକ୍ଷା ଓ ଜ୍ଞାନର ଦିବ୍ୟଦୃଷ୍ଟି ‘ପ୍ରଜାପତି’ ସଂଗଠନ ତରଫରୁ ପରିବାର ଦିବସ ପାଳନ ଅବସରରେ ପରିବାରରେ ମଧୁର ସୁନ୍ଦର କଥା ଆତ୍ମୀୟ ପାରିବାରିକ ଜୀବନ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଏପରି ଏକ ଭାବନାକୁ ନେଇ ଆଲୋଚନାଚକ୍ର ‘ ଶବ୍ଦଶକ୍ତି ପରିବାର ଶାନ୍ତି’ ସ୍ଥାନୀୟ ଆତିଥ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଆଲୋଚନାଚକ୍ରରେ ସହରର କିଛି ପରିବାର ସମେତ ଅତିଥି ଆଲୋଚକ ଭାବେ ଗୁଣୀ ଶିକ୍ଷାବିତ୍ ?ମାନେ ଯୋଗଦାନ କରିଥିଲେ ।‘ପ୍ରଜାପତି’ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ ଏଥିରେ ପୌରୋହିତ୍ୟ କରିଥିଲେ ।ଆଲୋଚନାଚକ୍ରରେ ଅତିଥି ଭାବେ କୁନ୍ତଳାକୁମାରୀ ମହିଳା ମହାବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରାଧାପକ ଡକ୍ଟର ଜୟଦେବ ପରମାଣିକ, ବାଲେଶ୍ୱର ମହିଳା ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଉମାକାନ୍ତ ନାୟକ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ସହକାରୀ ପ୍ରାଧାପକ ଡକ୍ଟର ସନ୍ତୋଷ କୁମାର ରାଉତ ଓ ଫକୀର ମୋହନ ଜୁନିୟର କଲେଜର ଇଂରାଜୀ ବିଭାଗର ଅଧାପକ ଲକ୍ଷ୍ମୀନାରାୟଣ ନାୟକ ଯୋଗଦାନ କରିଥିଲେ ।ଅତିଥିଗଣ ପରିବାର ଭିତରେ କୋମଳ, ସୁନ ଓ ମଧୁର କଥା କେମିତି ନିଜ ଭିତରେ ଏକ ଆତ୍ମୀୟ ସମ୍ପର୍କ ସୃଷ୍ଟି କରି ପାରିବାରିକ ଜୀବନକୁ ପ୍ରଭାବିତ କରିଥାଏ ସେ ବିଷୟରେ ନିଜ ନିଜର ବକ୍ତବ୍ୟ ରଖି କହିଥିଲେ ଯେ, “ ସୁନ୍ଦର ମଧୁର କଥା ପ୍ରେମ ଓ ଆତ୍ମୀୟତାର ପ୍ରବାହ ସୃଷ୍ଟି କରି ପାରିବାରିକ ଜୀବନରେ ଆନନ୍ଦ ସୃଷ୍ଟି କରେ ଓ ପାରିବାରିକ ଜୀବନ ଉନ୍ନତ ସମୃଦ୍ଧ ସାମାଜିକ ଜୀବନ ଗଠନରେ ସହାୟକ ହୋଇଥାଏ ।” ସ୍ୱତନ୍ତ୍ର ଅତିଥି ଭାବେ ଜ୍ୟୋସ୍ନାରାଣୀ ବେହେରା, ରଞ୍ଜିତା ନାୟକ ଓ ପ୍ରବାଳ ସିହ୍ନା ଯୋଗଦାନ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ‘ପ୍ରଜାପତି’ର ସଂଯୋଜକ ବିପ୍ଳବ ଦାସ ମହାପାତ୍ର ଆଲୋଚନାଚକ୍ର

ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ସରସ୍ୱତୀ ଭୋଇ ସ୍ୱାଗତ କଥା ରଖିଥିଲେ । ‘ପ୍ରଜାପତି’ର ଶିଶୁଶିଳ୍ପୀ ଗୀତାଂଶୀ ଦାସମହାପାତ୍ର ବେଦ ପାଠ କରିଥିବା ବେଳେ ଦିବ୍ୟାଶା ପରିଡ଼ା ନିଜ ଅନୁଭବ କଥା ରଖିଥିଲେ ।ଅନୁଷ୍ଠାନ ତରଫରୁ ପ୍ରେୟସୀ ମହାପାତ୍ର, ରଂଜନା ଘୋଷ, ନନ୍ଦିତା ନାୟକ, ସୁପ୍ରଭା ଦଳେଇ, ପ୍ରତିମା ତ୍ରିପାଠୀ, ସୁଜାତା ଦାସ, ସୁଚିସ୍ମିତା ବେହେରା, ରଶ୍ମିତା ଆଚାର୍ଯ୍ୟ, ଅମରଜିତ ଦାସ, ସନ୍ତୋଷ ଦାସ, ପାର୍ଥସାରଥୀ ସାହୁ, ସଂଜୀବ ନାୟକ, ଅଭିଜିତ୍ ମହାପାତ୍ର ଓ ଜୀବନଜ୍ୟୋତି ସ୍ୱାଇଁ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ଉତ୍ସବରେ ଅତିଥି ଆଲୋଚକ ଓ ଅତିଥି ଶ୍ରୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ‘ନୃତ୍ୟାୟନ’ର ପ୍ରତିଷ୍ଠାତା ଗୁରୁ ପ୍ରଦୀପ ବେହେରାଙ୍କ ଶିଳ୍ପୀଗଣ ନୃତ୍ୟ ପରିବେଷଣ କରି ଉତ୍ସବ ସମାପନ କରିଥିଲେ ।

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କର୍ମଚାରୀଙ୍କ ଦିନିକିଆ ଧର୍ମଘଟ: ବାଲେଶ୍ୱର ଓ ଭଦ୍ରକରେ ବ୍ୟାଙ୍କିଂ ସେବା ପ୍ରଭାବିତ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ଅଲ୍ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଅଫିସର୍ସ ଆସୋସିଏସନ ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏସନ ର ମିଳିତ ଆହ୍ୱାନ କ୍ରମେ ବିଭିନ୍ନ ଦାବି ନେଇ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କର୍ମଚାରୀଙ୍କ ପକ୍ଷରୁ ଏକ ଦିନିକିଆ ଧର୍ମଘଟ ଅନୁଷ୍ଠିତ ହୋଇଯାଇଛି । ଏହି ଆନ୍ଦୋଳନ ଯୋଗୁଁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଆଂଚଳିକ କାର୍ଯ୍ୟାଳୟ ଅଧୀନରେ ଥିବା ସମସ୍ତ ଶାଖାରେ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିଲା । କର୍ମଚାରୀଙ୍କ ଏହି ନ୍ୟାର୍ଯ୍ୟ ଦାବିକୁ ସମର୍ଥନ ଜଣାଇ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀମାନେ ମଧ୍ୟ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ । ଆସୋସିଏସନର ସ୍ୱୀକୃତି ପ୍ରଦାନ, ଦ୍ୱାଦଶ ଦ୍ୱିପାକ୍ଷିକ ଚୁକ୍ତିର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା, ନୂତନ କର୍ମଚାରୀ ନିଯୁକ୍ତି, ଖାଲି

ପଦବୀ ଅନୁଯାୟୀ କର୍ମଚାରୀଙ୍କ ପଦୋନ୍ନତି ଏବଂ ପ୍ରାୟୋଜକ ବ୍ୟାଙ୍କ ସହ ସମାନ ଭାବେ ଭତା ପ୍ରଦାନ ଭଳି ପ୍ରମୁଖ ୨୦ ଦଫା ଦାବି ନେଇ ଏହି ଧର୍ମଘଟ କରାଯାଇଛି । ଏହି ଦିନିକିଆ ଧର୍ମଘଟ ପରେ ସରକାର ଯଦି କର୍ମଚାରିଙ୍କ ଦାବି ବିଷୟରେ ଉଚିତ ପଦକ୍ଷେପ ନ ନିଅନ୍ତି ଆଗାମି ଦିନରେ ଆନ୍ଦୋଳନ ତିବ୍ରତର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି !ଉକ୍ତ ଆନ୍ଦୋଳନରେ ନଳିନୀକାନ୍ତ ବେହେରା, ସୁମନ ଦେ, ମଳୟ ଶୁକ୍ଲା, ଅଜୟ କୁମାର ସେଠୀ, ସଞ୍ଜୀବ କାଣ୍ଡି, କୃଷ୍ଣ ରଞ୍ଜନ କର, ସରୋଜ ବସନ୍ତିଆ ଓ ତୁଷାର ନାୟକ ପ୍ରମୁଖ କର୍ମଚାରୀ ନେତୃତ୍ୱ ନେଇଥିଲେ । ଏଥିସହିତ ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରୁ ଅମର କୁମାର ମହାନ୍ତି, ଅଚ୍ୟୁତ କୁମାର ଦାସ, ରୋହିତ କୁମାର କର, ପ୍ରଦୀପ କୁମାର ମହାପାତ୍ର, ରାମକୃଷ୍ଣ ମହାନ୍ତି, ଗଣେଶ ସାମଲ, ନରେନ୍ଦ୍ର ପରିଡ଼ା ଓ ଜ୍ଞାନରଞ୍ଜନ ପରିଡ଼ା ଉପସ୍ଥିତ ରହି ସହଯୋଗ କରିଥିଲେ ।

ବ୍ରାହ୍ମଣ ଯୁବମଂଚର ପ୍ରଥମ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.): ବ୍ରାହ୍ମଣ ଯୁବମଂଚର ପ୍ରଥମ ଜିଲ୍ଲାସ୍ତରୀୟ ବୈଠକ ବାଲେଶ୍ୱର ଷ୍ଟେସନ କ୍ଲବ ରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୫୦ରୁ ଉର୍ଦ୍ଧ୍ୱ ବ୍ରାହ୍ମଣ ଯୁବକ ଏହି ବୈଠକରେ ଯୋଗଦେଇ ସମାଜର ବିଭିନ୍ନ ସମସ୍ୟା, ଯୁବପିଢ଼ିର ଭବିଷ୍ୟତ ଏବଂ ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିଲେ ।ବୈଠକରେ ଆର୍ଥିକ ଓ ସାମାଜିକ ଭାବେ ଅବହେଳିତ ବ୍ରାହ୍ମଣ ପରିବାରଗୁଡ଼ିକୁ ସହାୟତା କରିବା, ଯୁବପିଢ଼ିଙ୍କ ପାଇଁ ଶିକ୍ଷା ଓ ରୋଜଗାରର ସୁଯୋଗ ବୃଦ୍ଧି କରିବା ଏବଂ ସମାଜକୁ ଏକତ୍ରିତ ଓ ସୁଦୃଢ଼ କରିବା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା ।ସେହିଭଳି ନୂତନ ସଂରକ୍ଷଣ ନୀତି ବିରୋଧରେ ଲଢ଼େଇସମ୍ପ୍ରତି ଓଡ଼ିଶା ସରକାରଙ୍କ ପକ୍ଷରୁ ଘୋଷିତ ନୂତନ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ବୈଠକରେ ପ୍ରବଳ ବିରୋଧ ହୋଇଥିଲା । ଏହି ନୂତନ ନୀତି ଯୋଗୁଁ ବ୍ରାହ୍ମଣ ତଥା ସାଧାରଣ ବର୍ଗର ଯୁବପିଢ଼ିଙ୍କ ଶିକ୍ଷା ଓ ରୋଜଗାରର ସୁଯୋଗ ପ୍ରଭାବିତ ହେବା ନେଇ ସଂଗଠନ ପକ୍ଷରୁ ଉଦ୍ ?ବେଗ ପ୍ରକାଶ କରାଯାଇଥିଲା ।ବ୍ରାହ୍ମଣ ଯୁବମଂଚ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ନୂତନ ସଂରକ୍ଷଣ ନୀତି ବିରୋଧରେ ସଂଗଠନ ଗଣତାନ୍ତ୍ରିକ ଓ ଆଇନସଙ୍ଗତ ଉପାୟରେ ନିଜର ଲଢ଼େଇକୁ ଆହୁରି



ଜୋରଦାର କରିବ । ସମସ୍ତ ବର୍ଗର ଯୁବପିଢ଼ିଙ୍କ ପାଇଁ ସମାନ ସୁଯୋଗ ଓ ନ୍ୟାୟସଙ୍ଗତ ବ୍ୟବସ୍ଥା ଦାବିରେ ଆଗାମୀ ଦିନରେ ଆବଶ୍ୟକ ପଦକ୍ଷେପ ନିଆଯିବ । ବୈଠକରେ ସଂଗଠନର ଆବାହକ ସତ୍ୟପ୍ରକାଶ ପତି ବ୍ରାହ୍ମଣ ସମାଜ ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଶିକ୍ଷା ଓ ଚାକିରି କ୍ଷେତ୍ରରେ ସମାନ ସୁଯୋଗ, ଆର୍ଥିକ ଭାବେ ଦୁର୍ବଳ ପରିବାରଗୁଡ଼ିକୁ ସହାୟତା ଏବଂ ଯୁବପିଢ଼ି ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ନେଇ ସେ ମତ ରଖିଥିଲେ ।ଆର୍ଥିକ ଦୁର୍ବଳ ପରିବାରର ପିଲାଙ୍କୁ ବ୍ରତ କରାଇବାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଥିଲା ।ଶେଷରେ ବ୍ରାହ୍ମଣ ଯୁବମଂଚର ଅନ୍ୟତମ ଆବାହକ ରମୀୟ ଦୀକ୍ଷିତ ଧନ୍ୟବାଦ ଜ୍ଞାପନ କରିଥିଲେ । ସଂଗଠନକୁ ଆହୁରି ସୁଦୃଢ଼ କରିବା, ଆର୍ଥିକ ଭାବେ ଅସହାୟ ପରିବାରଗୁଡ଼ିକୁ ସହାୟତା କରିବା, ଯୁବପିଢ଼ିଙ୍କ ଭବିଷ୍ୟତ ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ନୂତନ ସଂରକ୍ଷଣ ନୀତି ବିରୋଧରେ ଗଣତାନ୍ତ୍ରିକ ଭାବେ ଲଢ଼େଇକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତ ସଦସ୍ୟ ଏକତ୍ରିତ ହୋଇ କାର

ଭାସିଯାଇ ଶ୍ରମିକଙ୍କ ମୃତ ଦେହ ୪ଦିନ ପରେ ଉଦ୍ଧାର

ଧାମନଗର(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଆନନ୍ଦପୁର ପଂଚାୟତ ପାହାଡ଼ପୁର ଜେନା ସାହିରେ ଏକ ମର୍ମନ୍ତୁଦ ଓ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି । ବର୍ଷା ଜନିତ ବଢ଼ିପାଣି ମାଡ଼ିଆସିବାରୁ ଚାଷ କାମ କରିବାକୁ ଯାଇଥିବା ଜଣେ ଗରିବ ଦିନ ମଜୁରିଆ ନିଜ ଘରକୁ ଆଉ ଫେରିପାରିନାହାନ୍ତି । ୪ ଦିନର ତଲାସୀ ପରେ ତାଙ୍କର ମୃତଦେହ ନିକଟ ଏକ ପାଳ ରୁ କରାଯାଇଛି । ସୂଚନା ଥାଉକି ଗତ ୧୪ ତାରିଖ ସକାଳେ ପାହାଡ଼ପୁର ଜେନା ସାହିର ଗଣେଶ ଜେନା (୫୧) ନିଜର ଦିନ ମଜୁରିଆ କାମ ପାଇଁ ବିଲକୁ ଯାଇଥିଲେ । ସେହି ସମୟରେ ହଠାତ୍ ବଢ଼ି ପାଣି ମାଡ଼ି ଆସିବାରୁ ସେ ଆଉ ଘରକୁ ଫେରି ପାରି ନଥିଲେ । ଗ୍ରାମବାସୀ ଏବଂ ଓଡ୍ରାଫ ଟିମ୍ ମିଳିତ ଭାବେ ଖୋଜାଖୋଜି କରିଥିଲେ ହେଁ, ୪ ଦିନ ପରେ ସୋମବାର ଦିନ ଗଣେଶଙ୍କର ମୃତଦେହ ମିଳିଥିଲା । ଧାମନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି । ମୃତଦେହ ଦେଖିବା ପରେ ଶହ ଶହ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା ଏବଂ ସମଗ୍ର ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ମୃତ ଗଣେଶ ଜେନା ଥିଲେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି । ପରଘରେ ମଜୁରି କାମ କରି ସେ ନିଜର ୫ ପ୍ରାଣୀ କୁଟୁମ୍ବର ଭରଣପୋଷଣ କରୁଥିଲେ । ତାଙ୍କର ଏଭଳି ଅକାଳ ବିୟୋଗରେ ପରିବାରର ମେରୁଦଣ୍ଡ ଭାଙ୍ଗି ପଡ଼ିଛି । ଘରେ ୮୫ ବର୍ଷର ବୃଦ୍ଧ ବାପା, ୭୬ ବର୍ଷର ମାନସିକ ଅସ୍ୱାଭାବିକ ମାଆ, ଜଣେ ମାନସିକ ବିକ୍ଷିପ୍ତ ଭାଇ, ଆଖି ଅପରେସନ୍ ହୋଇଥିବା ଅସହାୟ ସ୍ତ୍ରୀ ଏବଂ ମାତ୍ର ୧୪ ବର୍ଷର ପୁଅ ରହିଛନ୍ତି । ପରିବାରର ଏପରି ଦୟନୀୟ ଅବସ୍ଥା ଦେଖି ସ୍ଥାନୀୟ ଅଂଚଳର ପ୍ରତ୍ୟେକ ବ୍ୟକ୍ତିଙ୍କ ଆଖିରେ ଲୁହ ଆସିଯାଇଛି । ତହସିଲଦାରଙ୍କ ନିର୍ଦେଶକ୍ରମେ ରାଜସ୍ୱ ଅଧିକାରୀ ଅଙ୍କିତ କୁମାର ଘଟଣାସ୍ଥଳକୁ ପହଂଚି ସ୍ଥିତି ଅନୁଧ୍ୟାନ କରିଥିଲେ । ସରପଂଚ ପ୍ରତିନିଧି ଶରତ ମାଝୀ 'ହରିଶ୍ଚନ୍ଦ୍ର ଯୋଜନା'ରୁ ଶବ ସଂସ୍କାର ପାଇଁ ତତ୍କାଳ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

ବୈତରଣୀ, କୋଚିଲା ଓ ଗେଣ୍ଡୁଟି ନଦୀରେ କରାଳ ରୂପ: ମାସକରେ ୫ମ ବନ୍ୟା, ଗରିବ ଚାଷୀ ମୂଲିଆଙ୍କ ଦୁଃଖ

ଧାମନଗର(ନିପ୍ର): ବୈତରଣୀ ଓ ଏହାର ଶାଖା ନଦୀ କୋଚିଲା, ଗେଣ୍ଡୁଟି ରେ ଆସିଥିବା କ୍ରମାଗତ ବନ୍ୟା ଧାମନଗର ବ୍ଲକରେ ସ୍ଥିତି ଅତ୍ୟନ୍ତ ସଂଗୀନ କରିଦେଇଛି । ମାତ୍ର ୨୦ ଦିନ ମଧ୍ୟରେ ଅଂଚଳବାସୀ ପଂଚମ ଥର ପାଇଁ ବନ୍ୟାର ସମ୍ମୁଖୀନ ହୋଇଛନ୍ତି । ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ମଙ୍ଗଳବାର ସକାଳ ସୁଦ୍ଧା ଅଂଚଳରେ ଏକ ବଡ଼ ବନ୍ୟା ପରିସ୍ଥିତି ଦେଖାଦେଇଛି । ଜଳ ସମ୍ପଦ ବିଭାଗର ସୂଚନାନୁସାରେ, ବୈତରଣୀର ଉପରମୁଣ୍ଡ କେନ୍ଦୁଝର ଜିଲ୍ଲାର ପାଟଣା, ହାଟଡିହି, ଚମ୍ପୁଆ, ଘସିପୁରା, ଘଟଗାଁ ଓ ଆନନ୍ଦପୁର ପ୍ରଭୃତି ଅଂଚଳରେ ପ୍ରବଳ ବର୍ଷା ହୋଇଛି । ଆନନ୍ଦପୁରଠାରେ ନଦୀର ଜଳସ୍ତର ୩୯.୩୬ ମିଟର ରହିଥିବା ବେଳେ ଏହି ପାଣି ଆଖୁଆପଦାରେ ପହଂଚିବାକୁ ୬ରୁ ୮ ଘଂଟା ସମୟ ଲାଗିବ । ସୋମବାର ସନ୍ଧ୍ୟା ୭ ଟା ସୁଦ୍ଧା ଆଖୁଆପଦାଠାରେ ବୈତରଣୀର ବିପଦ ସଂକେତ ୧୮.୩୩ ମିଟର ଥିବାବେଳେ ଜଳପତନ ୧୯.୨୨ ମିଟର ରେ ପ୍ରବାହିତ ହେଉଛି । ଫଳରେ ଜୁଲାଇ ଶେଷ ସପ୍ତାହରେ ଆସିଥିବା ବନ୍ୟା ଅପେକ୍ଷା ଏଥର ଅଧିକ ଜଳ ପ୍ରବାହିତ ହୋଇ ବ୍ୟାପକ କ୍ଷତି ଘଟାଇବା ଆଶଙ୍କା କରାଯାଉଛି । ଲଗାତର ବନ୍ୟା ଯୋଗୁଁ ସ୍ଥାନୀୟ ଚାଷୀ ଓ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ପ୍ରଥମ ବନ୍ୟାରେ ଭିତିଭୂମି ଓ ରାସ୍ତାଘାଟ

ଧୋଇଯାଇଥିବା ବେଳେ ଚତୁର୍ଥ ବନ୍ୟାରେ ଧାନ ଚାଷ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା । ବର୍ତମାନ ପଂଚମ ବନ୍ୟା କାରଣରୁ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ିଯିବା ନିଶ୍ଚିତ ହୋଇଛି । ବିଶେଷ କରି ଧୁଷୁରୀ ଅଂଚଳରେ ପୂର୍ବ ବନ୍ୟାଜଳ ନଛାଡୁଣୁ ପୁନର୍ବାର ପାଣି ମାଡ଼ିଆସୁଥିବାରୁ ଜଳବନ୍ଦୀ ଲୋକଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଛି । ପ୍ରଶାସନିକ ରିପୋର୍ଟ ଅନୁଯାୟୀ, ଗତ ଚତୁର୍ଥ ବନ୍ୟାରେ ବ୍ଲକର ୨ଟି ଗ୍ରାମପଂଚାୟତର ୬ଟି ଗ୍ରାମର ପ୍ରାୟ ୧୧ ହଜାରରୁ ଉର୍ଦ୍ଧ୍ୱଲୋକ ପ୍ରଭାବିତ ହୋଇଛନ୍ତି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ବ୍ୟାପକ କରାଯାଇଛି । ସୋମବାର ସୁଦ୍ଧା ବନ୍ୟା ଘେରରେ ଥିବା ୭,୧୦୦ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ପାଇଁ ୬ଟି ରିଲିଫ କେନ୍ଦ୍ର ଜରିଆରେ ମାଗଣା ରନ୍ଧାଖାଦ୍ୟ (ଫ୍ରି କିଚେନ୍) ଯୋଗାଯାଉଛି । ବନ୍ୟା ଆରମ୍ଭରୁ ବର୍ତମାନ ସୁଦ୍ଧା ମୋଟ ୬୨ଟି କେନ୍ଦ୍ର ମାଧ୍ୟମରେ ୧,୦୮,୫୦୦ ଜଣଙ୍କୁ ଜରୁରୀକାଳୀନ ସହାୟତା ଯୋଗାଇ ଦିଆଯାଇଛି । ସରକାର ଆଗାମୀ ୩ ଦିନ ପାଇଁ ମାଗଣା ରୋଷେଇ ସେବା ମଞ୍ଜୁର କରିଛନ୍ତି । ସେହିପରି ଶୁଖିଲା ରିଲିଫ୍ ଭାବେ ୫୫ କ୍ୱିଂଟାଲ ୪୦ କିଗ୍ରା ଚୁଡ଼ା ଓ ୧୩ କ୍ୱିଂଟାଲ ୮୫ କିଗ୍ରା ଗୁଡ଼ ବ[ନ କରାଯାଇଛି । ବହୁମୁଖୀ ଆଶ୍ରୟସ୍ଥଳୀ ଓ ସ୍କୁଲଗୁଡ଼ିକରେ ରନ୍ଧାଖାଦ୍ୟ ପ୍ରସ୍ତୁତ କରାଯାଇ ଜଳବନ୍ଦୀଙ୍କ ପାଖକୁ ପଠାଯାଉଛି । କୋଚିଲା, ବୈତରଣୀ, ଗେଣ୍ଡୁଟି ନଦୀ ର କେତେ କ ଦୁର୍ବଳ ସ୍ଥାନରେ ଜଳସେଚନ ବିଭାଗ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଙ୍ଗ କରା ଯାଇଛି, କୋଚିଲା ନଦୀର ସଇଲୋ ଠାରେ ଦୁବଳ ବନ୍ଧକୁ ମରାମତି କରିବା ସହ ବିଭିନ୍ନ ନଦୀବନ୍ଧ ରେ ବାଲିବସ୍ତା ରଖାଯାଇଛି ବୋଲି ଧାମନଗର ଜଳସେଚନ ବିଭାଗର ଅଧିକାରି ଶମ୍ଭୁନାଥ ମଲିକ କହିଛନ୍ତି ।

ଘର କାନ୍ଥ ଭାଙ୍ଗି ୨ ମୃତ, ୧ ଗୁରୁତର

ଜଳେଶ୍ୱର (ନିପ୍ର) : ଜଳେଶ୍ୱର ବ୍ଲକ ନେତୁଆ ପଂଚାୟତର କପାସୁଦା ଗାଁରେ ଏକ ଘର ଉପରେ ଅନ୍ୟ ଏକ ଦୁଇ ମହଲା ମାଟିଘର ଭାଙ୍ଗି ପଡ଼ିବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି । ଗାଁର ଗଙ୍ଗାଧର ଜେନାଙ୍କ ୨ ମହଲା ମାଟି ଘରଟି ରାତି ୯. ୩୦ ସମୟରେ ବର୍ଷାରେ ଭାଙ୍ଗି ପଡ଼ିଥିଲା । ଏହା ପଡ଼ୋଶୀ କାହ୍ନୁ ଚରଣ ଜେନାଙ୍କ ଆଜବେଷ୍ଟ ଘର ଉପରେ ପଡ଼ିଥିଲା ଓ କାହ୍ନୁଙ୍କ ଘରେ ଥିବା ରାଧିକା ଜେନା (୬୫), ଜ୍ୟୋତିପ୍ରକାଶ ସ୍ୱାଇଁ (୧୮) ଙ୍କର ମୃତ୍ୟୁ ହେଇଥିବା ବେଳେ ନନ୍ଦିନୀ ସ୍ୱାଇଁ(୧୮) ଗୁରୁତର ଆହତ ହୋଇ ଜିକେ ଭଟ୍ଟର ହସପିଟାଲରେ ଭର୍ତି ହୋଇଛନ୍ତି । ଖବର ପାଇ ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ ବାହିନୀ ପହଂଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଏହି ଦୁଃଖଦ ଖବର ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ପଂଚାୟତର ସମାଜ ସେବୀ ରଞ୍ଜିତ ହୁଇ ଘଟଣା ସ୍ଥଳରେ ପହଂଚି ବିଡ଼ିଓ ତହସିଲଦାର ଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ଓ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ନିବେଦନ କରିଛନ୍ତି ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ସ୍ୱାଧୀନତା ଦିବସ ପାଳିତ

ନୀଳଗିରି(ନିପ୍ର): ନୀଳଗିରି ସହରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିଥିଲେ । ଦିବସର ମହତ୍ୱ ଏବଂ ତାତ୍ପର୍ଯ୍ୟ ବିଷୟ ରେ ଉପାଦେୟ ମାର୍ଗ ଦର୍ଶନ ଦେଇଥିଲେ । ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ଜୟକୃଷ୍ଣ ବାରିକ ଉପସ୍ଥିତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ।

ଦେଶୀ ଓ ବିଦେଶୀ ମଦ ଜବତ: ୩ଗିରଫ

ସିମୁଳିଆ(ନିପ୍ର): ବାଲେଶ୍ୱର ଅବକାରୀ ଅଧିକ୍ଷକ ଶେଖ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ଗରସଙ୍ଗ ଓ ଅନ୍ତରା ଗ୍ରାମରେ ଚଢ଼ାଉ କରାଯାଇ ୧୫୦ ଲିଟର ଦେଶୀ ମଦ ଓ ୫.୪୦୦ ଲିଟର ବିଦେଶୀ ମଦ ଜବତ କରାଯିବା ସହିତ ଅନ୍ତରା ଗ୍ରାମର ରମାକାନ୍ତ ସାହୁ ଏବଂ ଗରସଙ୍ଗ ଗ୍ରାମର ମନୋରଞ୍ଜନ ବାରିକ ଓ ଗଗନ ବିହାରୀ ବେହେରା ଓରଫ ଗଙ୍ଗାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୩ ଗୋଟି ମାମଲା ରୁଜୁ କରାଯାଇଛି ।

ଚନ୍ଦନେଶ୍ୱର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର

ସୋର(ନିପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ସ୍ୱାଧିନତା ଦିବସ ଉପଲକ୍ଷେ ସୋର ବ୍ଲକ କେଶରୀପୁର ପଂଚାୟତ ଚନ୍ଦନେଶ୍ୱର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସମ୍ବାଦ ଆମ ଓଡିଶା ସହଯୋଗରେ କେଶରୀପୁର ଡାକ୍ତରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ଡା ବିଜୟଲକ୍ଷ୍ମୀ ସାହୁ ଉଦ୍‌ଘାଟନ କରିବା ସହିତ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବାଲେଶ୍ୱର ରକ୍ତ ଭଣ୍ଡାରର ଟେକ୍ନସିଆନ ଦେବାଶିଷ ଦତ, ଅରୁଶ୍ରୀ ଦିଓ୍ୱେଦୀ, ଗୀତାରାଣି ରାଉଳ ଓ ପ୍ରକାଶ ମହାରଣା ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । ଶିବିରରୁ ୩୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଆମ ଓଡିଶାର ସଂଯୋଜକ ଲକ୍ଷ୍ମୀଧର ବାରିକ ଶିବିରକୁ ପରିଚାଳନା କରିଥିବା ବେଳେ ସଂଗଠନର ପରିଚାଳକ ରବିନ୍ଦ୍ର ନାୟକ, ବିଶିଷ୍ଟ ସମାଜସେବୀ ନରେନ୍ଦ୍ର ସାମଲ, ସଞ୍ଜିବ କୁମାର ମାହାଣା,ସରୋଜ କୁମାର ଜେନା, ପ୍ରଭାକର ସାହୁ, ଶଶିକାନ୍ତ ସାହୁ, ରାଜେନ୍ଦ୍ର ନାୟକ, ସୁକାନ୍ତ ମହାନ୍ତି, ବିଶ୍ୱଜିତ ବାରିକ, ରାଜୀବ ସେଠୀ, ସୀତାଂଶୁ ପଣ୍ଡା, ଲକ୍ଷ୍ମଣ ବେହେରା, କାଶୀନାଥ ସାହୁ, ରାଜେନ୍ଦ୍ର ମଳିକ ପ୍ରମୁଖ ସହଯୋଗ କରିଥିଲେ ।

ସାମ୍ବାଦିକ ଭବନରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ନୟାଗଡ଼(ନିପ୍ର): ନୟାଗଡ଼ ସାମ୍ବାଦିକ ଭବନ ପ୍ରାଙ୍ଗଣରେ ୮୦ତମ ସ୍ୱାଧୀନତା ଦିବସ ଦେଶପ୍ରେମ ଓ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ଅବସରରେ ସାମ୍ବାଦିକ ଭବନ ପରିସରରେ ଜାତୀୟ ପତାକା ଉତୋଳନ କରାଯିବା ସହ ଦେଶର ମହାନ ସ୍ୱାଧୀନତା ସଂଗ୍ରାମୀ ଓ ବୀର ସହିଦମା ।ନଙ୍କୁ ସ୍ମରଣ କରାଯାଇଥିଲା । ନୟାଗଡ଼ ପୌର ପରିଷଦର ଅଧକ୍ଷା ନିରୁପମା ଖଟେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିଥିଲେ । ପତାକା ଉତୋଳନ ପରେ ସେ ସ୍ୱାଧୀନତା ଦିବସର ମହତ୍ୱ ଉପରେ ନିଜର ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ । ଦେଶର ସ୍ୱାଧୀନତା ପାଇଁ ଅନେକ ବୀର ସଂଗ୍ରାମୀ ନିଜ ଜୀବନକୁ ବଳିଦାନ ଦେଇଥିବାରୁ ସେମାନଙ୍କ ତ୍ୟାଗ ଓ ଆଦର୍ଶକୁ ସମସ୍ତେ ସ୍ମରଣ କରିବା ସହ ଦେଶର ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ଅବସରରେ ସାମ୍ବାଦିକ ଭବନର ସଭାପତି ବୈଦ୍ୟଭୂଷଣ ମହାପାତ୍ର ମଧ୍ୟ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଭବନର ବହୁ ସଦସ୍ୟ, ସାମ୍ବାଦିକ ଓ ଅନ୍ୟାନ୍ୟ ଅତିଥି ଉପସ୍ଥିତ ରହିଥିଲେ । ପରିଶେଷରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଧୀନତା ଦିବସର ମିଠା ବଂଟନ ସହ କାର୍ଯ୍ୟକ୍ରମ ଉତ୍ସାହପୂର୍ଣ୍ଣ ପରିବେଶରେ ସମାପ୍ତ ହୋଇଥିଲା ।

GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
No. 25001/953/2627
Order No. 5864 / WE // Date 14.08.20269
"E" Procurement Notice for Construction of Building works for year 2026-27
Bid Identification No. RWDKNJ - 14 / 2026 - 27 (Building)

1. Name of the work : Construction R.D. Building (Non-Res) for the year 2026-27 under Rural Works Division, Karanjia in the District of Mayurbhanj (Details as per Annexure)
2. Estimated Cost : Rs. 47.89 Lakhs (Approximately)
3. Class of Contractor : 'B' Class (of Odisha P.W.D)
4. Period of Completion : As per Annexure
5. Tender Paper Cost : Rs. 6,000/-

Procurement Officer	Bid Identification No.	Availability of tender On-line for bidding		Last Date & Time of seeking Tender Clarification.	Date & Time of Opening of Tender in O/O S.E. R.W. Division, Karanjia Technical & Financial Bid Financial Bid
		From	To		
1	2	3	4	5	6
Executive Engineer, Rural Works Division, Karanjia	Online RWDKNJ-14 /26-27.	Dt. 19.08.26 at 11.00 A.M	Dt.28.08.26 up to 5.00 P.M	Dt.27.08.2026 up to 1.00 P.M.	Dt.29.08.2026 at 11.00 A.M

Further details can be seen from the website www.tendersodisha.gov.in
OIPR. 25001/25086/1/26-27/0014
Sd/-
Executive Engineer
R.W. Division, Karanjia

ସେଂଟ ଜାଭିୟର୍ସ ସ୍କୁଲରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

କଟକ(ନିପ୍ର): ବାରବାଟୀ ସ୍ଥିତ ସେଂଟ୍ ଜେଭିଅର୍ସ ଉଚ୍ଚ ବିଦ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ଉତ୍ସାହମୟ ପରିବେଶରେ ପାଳନ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡିଶାର ଉପ ନୌସେନା ଅଧିକାରୀ କମାଣ୍ଡର ବୈଭବ କାସଲିକର ଏବଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବିଜେପି ରାଜ୍ୟ ସଚିବ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ।ଏହି ଅବସରରେ ଛାତ୍ରଛାତ୍ରୀମାନେ ଦେଶଭକ୍ତିମୟ ଗୀତ, ନୃତ୍ୟ ଏବଂ ଭାଷଣ ମାଧ୍ୟମରେ ତାଙ୍କର ଦେଶପ୍ରେମ

ପ୍ରକାଶ କରିଥିଲେ । ଆଜି ମଧ୍ୟ ୨୦୨୫-୨୬ ଶିକ୍ଷା ବର୍ଷର ଶ୍ରେଣୀ ଟପ୍ପର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଅଭିଭାବକ ମାନଙ୍କର ଉପସ୍ଥିତି ପିଲା ମାନଙ୍କୁ ବେଶ ଉତ୍ସାହିତ କରିଥିଲା । ବିଦ୍ୟାଳୟର ଅଧକ୍ଷ ଡକ୍ଟର ପ୍ରିୟଦର୍ଶୀ ନାୟକ ଏବଂ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ସହଯୋଗରେ କାର୍ଯ୍ୟକମଟି ପ୍ରସଂଘଟିତ ଭାବେ ସଫଳ ହୋଇଥିଲା ।

ଜିଲ୍ଲା ମତ୍ସ୍ୟ ଅଧିକାରୀ, ବାଲେଶ୍ୱର ଙ୍କ କାର୍ଯ୍ୟାଳୟ
No. 6001/90/2627
ପତ୍ରସଂଖ୍ୟା ୧୦୪୯ /ତାରିଖ ୦୨.୦୩.୨୦୨୬ //

ବିଜ୍ଞାପନ

ଏତଦ୍‌ଦ୍ୱାରା ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସମସ୍ତ ଖାରିଜନ ଚିଙ୍ଗୁଡ଼ି ଚାଷୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭାରତ ସରକାରଙ୍କ ତଟୀୟ ଜଳକୃଷି ଅଧିକାରୀଙ୍କ ନିୟମ-୨୦୨୪ ଅନୁଯାୟୀ, ଖାରିଜନ ଚିଙ୍ଗୁଡ଼ିଚାଷ ନିମନ୍ତେ ଆବଶ୍ୟକୀୟ ପଞ୍ଜୀକରଣ ଏବଂ ପଞ୍ଜୀକରଣର ନବୀକରଣ, ସମୟ ମଧ୍ୟରେ କରାଯିବା ଆବଶ୍ୟକ । ବିନା ପଞ୍ଜୀକରଣରେ ଚିଙ୍ଗୁଡ଼ିଚାଷ କରିବା ଅବୈଧ ଅଟେ ଏବଂ ନିୟମ ଉଲ୍ଲଙ୍ଘନ କରାଯାଇଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏହି ପ୍ରସଙ୍ଗରେ ଚିଙ୍ଗୁଡ଼ି ଚାଷ କରୁଥିବା ସମସ୍ତ ଚାଷୀମାନଙ୍କୁ ନିର୍ଦେଶ ଦିଆଯାଉଛି ଯେ, ଯେଉଁ ଚାଷୀମାନେ ନିଜ ଫାର୍ମର ପଞ୍ଜୀକରଣ କରାଇନାହାନ୍ତି, ସେମାନେ ଚୁରନ୍ତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଅନଲାଇନ NSWS ପୋର୍ଟାଲରେ ଆବେଦନ କରିବେ । ପୁନଶ୍ଚ ଯଦି ଚିଙ୍ଗୁଡ଼ିଚାଷ କରୁଥିବା ଫାର୍ମ ପୂର୍ବରୁ ତଟୀୟ ଜଳକୃଷି ଅଧିକାରୀଙ୍କ ଦ୍ୱାରା ପଞ୍ଜୀକୃତ ହୋଇ ଲାଇସେନ୍ସ ପ୍ରାପ୍ତ ହୋଇଥିବେ ଏବଂ ଏହାର ଅବଧି ସମାପ୍ତ ହୋଇଥାଏ ତେବେ ଚୁରନ୍ତ ଅନଲାଇନ NSWS ପୋର୍ଟାଲରେ ଏହାର ନବୀକରଣ ପାଇଁ ଉପଯୋକ୍ତ ସମୟସୀମା ମଧ୍ୟରେ ଆବେଦନ କରନ୍ତୁ । ଏହା ଅନୁସରଣ ନକଲେ ସମ୍ପୃକ୍ତ ଚାଷ ଉପରେ ଭାରତ ସରକାରଙ୍କ ତଟୀୟ ଜଳକୃଷି ଅଧିକାରୀଙ୍କ ନିୟମାନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଧାର୍ଯ୍ୟ ସମୟସୀମା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ଏବଂ ଖିଲାପକାରୀଙ୍କ ବିରୁଦ୍ଧରେ ଭାରତ ସରକାରଙ୍କ ତଟୀୟ ଜଳକୃଷି ଅଧିକାରୀଙ୍କ ନିୟମ ୨୦୨୩ ଧାରା ୧୪ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ବେଆଇନ ଚିଙ୍ଗୁଡ଼ି ଫାର୍ମକୁ ଉଚ୍ଛେଦ କରାଯିବ ।

ସ୍ୱା/-
ଜିଲ୍ଲାପାଳ ତଥା ଅଧକ୍ଷ
ଜିଲ୍ଲାସ୍ତରୀୟ ପ୍ରାଧିକରଣ କମିଟି, ବାଲେଶ୍ୱର
OIPR. 6001/6104/1/26-27/0002






୧୮ ଅଗଷ୍ଟ
୨୦୨୬ ମଙ୍ଗଳବାର

ନିଜର ସୀମାରେଖା ବିଷୟରେ ଯିଏ ସଚେତନ, ସିଏ ନିଶ୍ଚୟ ନୀତିବାଦୀ ।

ଆଜିକାଲି



ଦୃଷ୍ଟ୍ୱା ତୁ ପାଣ୍ଡବାନୀକଂ ବ୍ୟୂଢ଼ଂ
ଦୁର୍ଯ୍ୟୋଧନସ୍ତଦା ।
ଆଚାର୍ଯ୍ୟମୁପସଂଗମ୍ୟରାଜା ବଚନମବ୍ରବୀତ୍ ॥
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ସଂଜୟ କହିଲେ, ହେ ମଣିମା ! ସେହି ସମୟରେ ରାଜା ଦୁର୍ଯ୍ୟୋଧନ ଦେଖିଲେ ଯେ, ପାଣ୍ଡବସୈନ୍ୟମାନେ ବ୍ୟୁହ ରଚନା କରି ଛିଡ଼ା ହୋଇଛନ୍ତି । ତା' ପରେ ସେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ନିଟକୁ ଯାଇ ଏହି କଥା କହିଲେ ।

'ବିକାଶ ଭି, ବିରାସତ ଭି' ର ଆହ୍ୱାନ

'ବିକାଶ ଭି, ବିରାସତ ଭି' ଆହ୍ୱାନର ଫଳ ସ୍ୱରୂପ ବର୍ତମାନ ଦେଶରେ ଏକ ସାଂସ୍କୃତିକ ରାଷ୍ଟ୍ରବାଦର ବହ୍ନି ସମସ୍ତ ଭାରତୀୟଙ୍କ ମନରେ ପ୍ରଜ୍ୱଳିତ ହୋଇଛି । ଏହାର ପ୍ରତିଫଳନ ଅଯୋଧ୍ୟା ରାମମନ୍ଦିର, ମହାକୁମ୍ଭ ଏବଂ କାଶୀ ବିଶ୍ୱନାଥ କରିଡରରେ ରେକର୍ଡ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନରୁ ସ୍ପଷ୍ଟ ଦୃଶ୍ୟମାନ ହେଉଛି । ଗତ କିଛି ବର୍ଷ ହେଲା ଓଡିଶାରେ ବି ଓଡିଆ ଅସ୍ମିତାକୁ ନେଇ ଲୋକେ ଉଦ୍‌ବେଳିତ ହୋଇଥିଲେ । ଆମ ସରକାର ଆସିବା ପରେ ଲୋକଙ୍କ ଏହି ଭାବନାକୁ ସମ୍ମାନ ଦେଇ ଓଡିଆ ଅସ୍ମିତାକୁ ବଜାୟ ରଖିବାକୁ ଅନେକ ପଦକ୍ଷେପ ନେଇଛନ୍ତି । ଓଡିଶାର ପ୍ରମୁଖ ମଠ ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ, ଓଡିଆ ଭାଷାକୁ ସରକାରୀ ସ୍ତରରେ ବହୁଳ ପ୍ରଚଳନ କରିବା, ରାଜ୍ୟ ସରକାରଙ୍କ ଓଡିଆ ଅସ୍ମିତା ପ୍ରତି ପ୍ରତିବଦ୍ଧତାର ପ୍ରମାଣ । କୋଟି କୋଟି ଓଡିଆଙ୍କ ମଉଡମଣି ମହାପ୍ରଭୁ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରିବା ପାଇଁ ରାଜ୍ୟ ସରକାର ପ୍ରଥମ କ୍ୟାବିନେଟରେ ହିଁ ପଦକ୍ଷେପ ନେଇଥିଲେ । ଆଗାମୀ ଦିନରେ ପୁରୀକୁ ଏକ ବିଶ୍ୱସ୍ତରୀୟ ଆଧ୍ୟାତ୍ମିକ-ପର୍ଯ୍ୟଟନ ସ୍ଥଳ ଭାବେ ନିର୍ମାଣ କରିବା କାର୍ଯ୍ୟ ଆରମ୍ଭ ହୋଇ ସାରିଛି । ଆମେ ସମସ୍ତେ ଗର୍ବିତ ଯେ, ଆମେ ହେଉଛୁ ଭାରତମାତାର ସନ୍ତାନ । ବନ୍ଦେ ମାତରମ୍'ର ଜୟଗାନ ଏହି ଭାବନାକୁ ପ୍ରତିଫଳିତ କରେ । ଏହି ଗୀତ, ସ୍ୱାଧୀନତା ଆନ୍ଦୋଳନ ସମୟରେ କୋଟି କୋଟି ସଂଗ୍ରାମୀଙ୍କୁ, ଏକତାର ସୂତ୍ରରେ ବାନ୍ଧିରଖିଥିଲା । ଏହି ଗୀତ ଗାଇ ବିପ୍ଳବୀମାନେ ହସି ହସି ଫାଶୀ ଖୁଣ୍ଟରେ ଝୁଲି ଯାଇଥିଲେ । ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତି ଉପଲକ୍ଷେ, ଆଜି ଲାଲକିଲ୍ଲାର ପ୍ରାଚୀରରୁ ବନ୍ଦେ ମାତରମ୍'ର ପ୍ରେରଣାଦାୟୀ ସଙ୍ଗୀତ ଦେଶବାସୀଙ୍କ ହୃଦୟରେ ଦେଶପ୍ରେମର ଆବେଗ ସୃଷ୍ଟି କରିଛି । ତେଣୁ ଆପଣମାନେ ବି, ଆଜି ଏହି ରାଷ୍ଟ୍ରଗୀତ ଗାନ କରନ୍ତୁ ଏବଂ ସ୍ୱାଧୀନତା ଓ ସ୍ୱାଭିମାନର ପ୍ରତୀକ 'ତ୍ରିରଙ୍ଗା'କୁ ନିଜ ନିଜ ଘରେ ଉତୋଳନ କରନ୍ତୁ । ଶେଷରେ, ଏହି ପବିତ୍ର ଦିନରେ ଆସନ୍ତୁ, ଏକ ସମୃଦ୍ଧ, ସଶକ୍ତ, ସମାବେଶୀ ଓ ବିକଶିତ ଓଡିଶା ଗଠନ ପାଇଁ ଆମେ ପ୍ରତ୍ୟେକ ଓଡିଆ ପ୍ରତିବଦ୍ଧ ହେବା । ଆଗାମୀ ଦଶ ବର୍ଷ ହେବ ଓଡିଶାର ଦଶକ । ୨୦୩୬ ସୁଦ୍ଧା ନିର୍ମାଣ କରିବା ସମୃଦ୍ଧ ଓଡିଶା, ଏବଂ ୨୦୪୭ ସୁଦ୍ଧା ଗଢିବା ବିକଶିତ ଓଡ଼ିଶା ଓ ବିକଶିତ ଭାରତ । ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

ପୃଥିବୀର ପ୍ରଥମ କ୍ଲୋନିଂ

'ଡଲି' ନାମଟି ପ୍ରାୟ ସମସ୍ତେ ଜାଣିଥିବେ । କାରଣ ଡ଼ଲି ହେଉଛି ଗୋଟିଏ ମେଣ୍ଢାର ନାମ । ଯାହାକି ପୃଥିବୀର ପ୍ରଥମ କ୍ଲୋନିଂ କରାଯାଇଥିବା ପଶୁ । ଆମ ଶରୀର ତନ୍ତୁ କୋଷରେ ଗଠିତ ହୋଇଛି । ଯାହା ନିକଟରେ ସେମାନଙ୍କର କାମ କରିବାର ସୂତ୍ର ଡିଏନଏ ଆକାରରେ ରହିଛି । ଏହାକୁ ଜେନେଟିକ କୋଡ଼ କୁହାଯାଏ । ପ୍ରତ୍ୟେକ ଜୀବ ଏହି ସୂତ୍ରର ଅର୍ଦ୍ଧେକ ତାର ପିତାଙ୍କ ଠାରୁ ଓ ଅର୍ଦ୍ଧେକ ମାତାଙ୍କ ଠାରୁ ଆହରଣ କରିଥାଏ । କ୍ଲୋନିଂ ପପ୍ରକ୍ରିୟାରେ ବୈଜ୍ଞାନିକ ମାନେ ଗୋଟିଏ ପଶୁର ଡିଏନଏ ବାହାର କରି ନିଅନ୍ତି ଓ ଏହାକୁ ଅନ୍ୟ ଏକ ପଶୁଠାରୁ ଅଣାଯାଇଥିବା ଭ୍ରୂଣକୋଷରେ ରୋପଣ କରନ୍ତି । ରୋପଣ କରାଯିବା ପୂର୍ବରୁ ସେହି ଗ୍ରହୀତା କୋଷରେ ପ୍ରଥମେରେ ଥିବା ଡିଏନଏକୁ ବାହାର କରି ନିଆଯାଏ । ଏହି ଉପାୟରେ ଡଲିର ସୃଷ୍ଟି ହୋଇଛି ।

ବନ୍ୟା ଜଳରେ ଭାସୁଛି ମଣିଷର ସ୍ୱପ୍ନ

ଓଡ଼ିଶା ଆଜି ପୁଣି ଜଳର ଯନ୍ତ୍ରଣାରେ କାନ୍ଦୁଛି । ଆକାଶରୁ ନିରନ୍ତର ବର୍ଷା, ନଦୀରେ ଉଛୁଳା ପାଣି, ଗାଁ ଦାଣ୍ଡରେ ବନ୍ୟାଜଳ, ଘର ଭିତରେ ପାଣି, ରାସ୍ତା ଉପରେ ପାଣି, ଚାଷଜମି ଉପରେ ପାଣି ଏବଂ ମଣିଷର ଆଖିରେ ଅସହାୟତାର ଲୁହ‌ଏହା କେବଳ ଏକ ପ୍ରାକୃତିକ ଦୁର୍ଘଟଣାର ଚିତ୍ର ନୁହେଁ, ଏହା ଆମ ସମାଜର ମାନବିକତାକୁ ପରୀକ୍ଷା କରୁଥିବା ଏକ ଭୟଙ୍କର ମୁହୂର୍ତ । ଅଗଷ୍ଟ ୧୬ ତାରିଖରେ ଭାରତୀୟ ପାଣିପାଗ ବିଭାଗ ଓଡ଼ିଶା ପାଇଁ ଅତ୍ୟଧିକ ପ୍ରବଳ ବର୍ଷାର ସତର୍କତା ଜାରି କରିଛି । ଉତର ଓଡ଼ିଶାର ବିଭିନ୍ନ ଅଂଚଳରେ ବନ୍ୟା ପରିସ୍ଥିତି ଜଟିଳ ହୋଇଥିବା ବେଳେ ନୂଆ ଘୂର୍ଣ୍ଣିବାତ୍ୟାଜନିତ ନିମ୍ନଚାପ ଅଂଚଳ ପୁଣି ବର୍ଷାର ଭୟ ବଢ଼ାଇଛି । କେତେକ ଅଂଚଳରେ ଚବିଶ ଘଂଟା ମଧ୍ୟରେ ବିଶ ସେଂଟିମିଟରରୁ ଅଧିକ ବର୍ଷା ହୋଇପାରେ ବୋଲି ସତର୍କ କରାଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଓ ଅନ୍ୟାନ୍ୟ ଅଂଚଳରେ ବନ୍ୟାର ପ୍ରଭାବ ଜନଜୀବନକୁ ଅସ୍ଥିର କରିଦେଇଛି । ବୈତରଣୀ, ବ୍ରାହ୍ମଣୀ, ସାଳନ୍ଦୀ, ଜଳକା ଓ ବୁଢ଼ାବଳଙ୍ଗ ଭଳି ନଦୀ ଓ ଏହାର ଶାଖାନଦୀଗୁଡ଼ିକର ଜଳସ୍ତର ବଢ଼ିବା ଫଳରେ ଅନେକ ଗାଁ ଜଳବନ୍ଦୀ ହୋଇଛି । ହଜାର ହଜାର ପରିବାର ନିଜ ଘର ଛାଡ଼ି ଆଶ୍ରୟସ୍ଥଳୀକୁ ଯିବାକୁ ବାଧ ହୋଇଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ ଅନେକ ଲୋକଙ୍କୁ ଉଦ୍ଧାର କରାଯାଇ ରିଲିଫ କେନ୍ଦ୍ରକୁ ନିଆଯାଇଛି । ହେଲେ ପ୍ରଶ୍ନ ହେଉଛି ବନ୍ୟା କେବଳ ନଦୀର ଜଳରେ ଆସେ କି ? ନାହିଁ, ବନ୍ୟା ଆସେ ଜଣେ ଚାଷୀର ଆଶା ଉପରେ, ଜଣେ ମାଆର ରୋଷେଇଘର ଉପରେ, ଜଣେ ଶିଶୁର ପାଠପଢ଼ା ଉପରେ, ଜଣେ ବୃଦ୍ଧଙ୍କ ଔଷଧ ଉପରେ, ଜଣେ ଶ୍ରମିକଙ୍କ ଦିନମଜୁରି ଉପରେ ଏବଂ ଜଣେ ଗରିବ ପରିବାରର ସମଗ୍ର ଜୀବନ ଉପରେ । ଯେଉଁ ଚାଷୀ ମାସ ମାସ ଧରି ମାଟିକୁ ନିଜ ରକ୍ତ ଓ ଝାଳରେ ସିଂଚିଥିଲା, ଯେଉଁ ଧାନ ଗଛକୁ ସେ ନିଜ ସନ୍ତାନ ଭଳି ଲାଳନ କରିଥିଲା, ଆଜି ସେହି ଧାନକ୍ଷେତ ଅନେକ ସ୍ଥାନରେ ପାଣି ତଳେ । ତା'ର ଆଖି ଆଗରେ ମାସମାନର ପରିଶ୍ରମ ଡୁବିଯାଉଛି । ସେ ଆକାଶକୁ ଚାହିଁ ପଚାରୁଛି ମୁଁ କ'ଣ ଅପରାଧ କରିଥିଲି ? ପ୍ରକୃତିର ଉପରେ ତା'ର କୌଣସି ରୋଷ ନାହିଁ, କିନ୍ତୁ ତା'ର ଭବିଷ୍ୟତ ପ୍ରତି ଭୟ ଅଛି । ଧାନ ନଷ୍ଟ ହେଲେ କେବଳ ଗୋଟିଏ ଫସଲ ନଷ୍ଟ ହୁଏ ନାହିଁ; ଗୋଟିଏ ପରିବାରର ଋଣ ଶୋଧିବାର ଆଶା ନଷ୍ଟ ହୁଏ, ପିଲାର ପଢ଼ା ଖର୍ଚ୍ଚ ନଷ୍ଟ ହୁଏ, ଝିଅର ବିବାହ ପାଇଁ ରଖାଯାଇଥିବା ସଂଚୟ ନଷ୍ଟ ହୁଏ, ଆଗାମୀ ଦିନର ଭରସା ନଷ୍ଟ ହୁଏ । ଏହି ବନ୍ୟାଜଳ ଯେତେବେଳେ ଗୋଟିଏ ମାଟିଘର ଭିତରକୁ ପଶେ, ସେତେବେଳେ କେବଳ କାନ୍ଥଅ ଓ ପାଣି ପଶେ ନାହିଁ; ସେଠାରେ

ଜଣେ ମାଆର ରୋଷେଇ ସାମଗ୍ରୀ, ଜଣେ ବୃଦ୍ଧଙ୍କ ଔଷଧ, ଜଣେ ଶିଶୁର ବହି, ଜଣେ ଝିଅର ସ୍ୱପ୍ନ ଓ ଜଣେ ପରିବାରର ସ୍ମୃତି ପାଣିରେ ଭାସିଯାଏ । ଆମେ ସହରରେ ବସି ବର୍ଷାକୁ ଜାଣ୍ଟା ଦେଇ ଦେଖୁଥାଉ, ଚା'ର କପ୍ ?ରେ ବର୍ଷାର ସୌନ୍ଦର୍ଯ୍ୟ ଖୋଜୁଥାଉ, କିନ୍ତୁ ଗାଁର ମଣିଷ ପାଇଁ ଆଜିର ବର୍ଷା ସୌନ୍ଦର୍ଯ୍ୟ ନୁହେଁ, ଭୟ । ଯେଉଁ ବର୍ଷା ଆମ ପାଇଁ ଶୀତଳତା, ସେହି ବର୍ଷା ତା' ପାଇଁ ଘରଭଙ୍ଗାର ଆଶଙ୍କା । ଯେଉଁ ନଦୀ ଆମ ସଭ୍ୟତାର ଜୀବନଧାରା, ସେହି ନଦୀ ଯେତେବେଳେ ସୀମା ଲଂଘି ଗାଁକୁ ପଶେ, ସେତେବେଳେ ସେହି ଜୀବନଧାରା ମୃତ୍ୟୁଭୟର ରୂପ ନିଏ । ତେଣୁ ଆଜିର ପ୍ରଶ୍ନ କେବଳ ବର୍ଷା କେତେ ହେଲା ତାହା ନୁହେଁ; ପ୍ରଶ୍ନ ହେଉଛି ଆମେ କେତେ ପ୍ରସ୍ତୁତ ଥିଲୁ ? ପ୍ରଶ୍ନ ହେଉଛି ବନ୍ୟା ଆସିଲେ ମଣିଷକୁ କେତେ ଶୀଘ୍ର ଉଦ୍ଧାର କରିପାରୁଛୁ ? ପ୍ରଶ୍ନ ହେଉଛି ଗୋଟିଏ ଗାଁରେ ଜଣେ ବୃଦ୍ଧ ଏକାକୀ ରହିଥିଲେ ତାଙ୍କୁ କିଏ ଖୋଜିବ ? ଗର୍ଭବତୀ ମହିଳାଙ୍କୁ କିଏ ହସ୍ପିଟାଲ ନେବ ? ଶିଶୁଙ୍କ ପାଇଁ ଦୁଧ କେଉଁଠାରୁ ଆସିବ ? ଗୃହପାଳିତ ପଶୁଗୁଡ଼ିକୁ କିଏ ସୁରକ୍ଷିତ କରିବ ? ଏହି ପ୍ରଶ୍ନଗୁଡ଼ିକର ଉତର କେବଳ କାଗଜରେ ଲିଖା ଯୋଜନା ଦେଇ ହେବ ନାହିଁ । ଜଳ ଆସିବା ପୂର୍ବରୁ ପ୍ରସ୍ତୁତି ଦରକାର, ଜଳ ଆସିବା ସମୟରେ ଦ୍ରୁତ କାର୍ଯ୍ୟ ଦରକାର ଏବଂ ଜଳ ହଟିଯିବା ପରେ ମଣିଷକୁ ପୁଣି ନିଜ ପାଦରେ ଠିଆ କରିବାର ସଙ୍କଳ୍ପ ଦରକାର । ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ ଦେଶରେ ଏକ ଦୃଢ଼ ଉଦାହରଣ ଗଢ଼ିଛି, କିନ୍ତୁ ପ୍ରତ୍ୟେକ ବିପର୍ଯ୍ୟୟ ଆମକୁ ନୂଆ ଶିକ୍ଷା ଦେଇଥାଏ । ପୁରୁଣା ଅନୁଭବ ଉପରେ ଭରସା କରି ନୂଆ ବିପଦକୁ ଅବହେଳା କରିବା ଚାଲିବ ନାହିଁ । ଜଳବାୟୁ ପରିବର୍ତନର ଯୁଗରେ ବର୍ଷାର ଚରିତ୍ର ବଦଳୁଛି । କେବେ ଦୀର୍ଘ ସମୟ ଧରି ବର୍ଷା ହେଉନାହିଁ, ଆଉ କେବେ ଅତ୍ୟଳ୍ପ ସମୟରେ ଅସାଧାରଣ ପରିମାଣର ବର୍ଷା ହୋଇଯାଉଛି । ଏହି ପରିବର୍ତନକୁ ମାନି ନଦୀ, ନାଳା, ଜଳାଶୟ, ରାସ୍ତା, ସହର ଓ ଗାଁର ଯୋଜନାକୁ ପୁନଃବିଚାର କରିବା ଆବଶ୍ୟକ । ନଦୀର ସ୍ୱାଭାବିକ ପ୍ରବାହପଥ ଦଖଲ କରି ଘର ତିଆରି କରିବା, ଜଳାଶୟ ପୋତିଦେବା, ନାଳା ବନ୍ଦ କରିଦେବା ଓ ଅବ୍ୟବସ୍ଥିତ ନିର୍ମାଣକୁ ବିକାଶ ବୋଲି ମାନିନେବା ଆଗାମୀ ଦିନରେ ଆମ ପାଇଁ ଆହୁରି ବଡ଼ ବିପଦ ଆଣିପାରେ । ସହରରେ ଅଳ୍ପ ବର୍ଷା ହେଲେ ରାସ୍ତା ଜଳମଗ୍ନ ହେବା ଏବଂ ଗାଁରେ ନଦୀ ଉଛୁଳିଲେ ଘର ଭାସିଯିବା ଏହି ଦୁଇଟି ଘଟଣା ଆମକୁ ଏକେ କଥା କହୁଛି: ପ୍ରକୃତିକୁ ଅବହେଳା କରି ବିକାଶ ସମ୍ଭବ ନୁହେଁ । ଆଜି ଯେଉଁ ଶିଶୁଟି ଆଶ୍ରୟକେନ୍ଦ୍ରରେ ବସି ନିଜ ବହି ଖୋଜୁଛି, ତା'ର ଭବିଷ୍ୟତ ଆମ ହାତରେ । ଯେଉଁ ମାଆଟି ନିଜ ଶିଶୁକୁ କୋଳରେ ଧରି ରାତି କାଟୁଛି, ତା'ର ନିରାପତା ଆମ ଦାୟିତ୍ୱ । ଯେଉଁ ବୃଦ୍ଧ ନିଜ ଭଙ୍ଗା ଘର ଦ୍ୱାରରେ ବସି ପାଣି ହ୍ରାସକୁ ଅପେକ୍ଷା କରୁଛନ୍ତି, ତାଙ୍କର ଆଖିର ଲୁହକୁ କେବଳ ସହାନୁଭୂତି ଦେଇ ପୋଛାଯିବ ନାହିଁ; ତାଙ୍କୁ ଘର, ଖାଦ୍ୟ, ଔଷଧ ଓ ନୂଆ ଜୀବନ ଦରକାର । ବିପର୍ଯ୍ୟୟ ସମୟରେ ରିଲିଫ କେବଳ ଚାଉଳ, ଡାଲି ଓ ତାରପୋଲିନ ଦେଇ ସମାପ୍ତ ହୋଇଯାଏ ନାହିଁ । ବିପର୍ଯ୍ୟୟ ପରେ ମଣିଷର ମନକୁ ମଧ୍ୟ ସମ୍ଭାଳିବାକୁ ପଡ଼େ । ଯାହାର ଘର ଭାସିଗଲା, ଯାହାର ଫସଲ ନଷ୍ଟ ହେଲା, ଯାହାର ପଶୁ ମରିଗଲା, ଯାହାର ଜୀବିକା ବନ୍ଦ ହୋଇଗଲା, ସେହି ମଣିଷକୁ କେବଳ ଏକଥର ସହାୟତା ଦେଇ ଛାଡ଼ିଦେଲେ ଚାଲିବ ନାହିଁ । ତାଙ୍କର ପୁନର୍ବାସନ ଦରକାର, ଜୀବିକାର ପୁନର୍ନିର୍ମାଣ ଦରକାର, ଚାଷୀଙ୍କୁ ଫସଲ କ୍ଷତିର ଯଥୋଚିତ ସହାୟତା ଦରକାର, ଛୋଟ ବ୍ୟବସାୟୀଙ୍କୁ ପୁଣି ଦୋକାନ ଖୋଲିବାର ସୁଯୋଗ ଦରକାର, ଶ୍ରମିକଙ୍କୁ ପୁଣି କାମ ଦରକାର । ବନ୍ୟାର ପାଣି ହଟିଯାଏ, କିନ୍ତୁ ବନ୍ୟାର କ୍ଷତ ଅନେକ ମାସ ଓ ବର୍ଷ ପର୍ଯ୍ୟନ୍ତ ରହିଯାଏ । ତେଣୁ ସରକାରୀ ଯନ୍ତ୍ରଣାକୁ ଆଜି ଦୁଇଟି ମୋର୍ଚାରେ ଲଢ଼ିବାକୁ ପଡ଼ିବପ୍ରଥମେ ଜୀବନ ବଂଚାଇବା, ପରେ ଜୀବନ ଗଢ଼ିବା । ଏହି ସମୟରେ ପ୍ରଶାସନର ପ୍ରତ୍ୟେକ କର୍ମଚାରୀଙ୍କୁ ଲୋକଙ୍କ ମଧ୍ୟରେ ରହିବାକୁ ହେବ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ କରି ଗାଁର ତଳସ୍ତର ପର୍ଯ୍ୟନ୍ତ ସୂଚନାର ଶୃଙ୍ଖଳା ଦ୍ରୁତ ଓ ସ୍ପଷ୍ଟ ହେବା ଦରକାର । କେଉଁ ଗାଁ ବିପଦରେ, କେଉଁ ରାସ୍ତା ବନ୍ଦ, କେଉଁଠାରେ ଖାଦ୍ୟ ଆବଶ୍ୟକ, କେଉଁଠାରେ ଔଷଧ ଆବଶ୍ୟକ, କେଉଁଠାରେ ଉଦ୍ଧାର ଆବଶ୍ୟକଏହି ସବୁ ତଥ୍ୟ ତୁରନ୍ତ ପହଂଚିବା ଦରକାର । ଅଫବାହ ଏହି ସମୟରେ ଆଉ ଗୋଟିଏ ବିପଦ । ତେଣୁ ଲୋକଙ୍କୁ ନିର୍ଭରଯୋଗ୍ୟ ସୂଚନା ଦେବା ମଧ୍ୟ ଏକ ପ୍ରମୁଖ ଦାୟିତ୍ୱ । ଲୋକମାନେ ମଧ୍ୟ ସରକାରୀ ସତର୍କତାକୁ ହେଳା କରିବା ଉଚିତ ନୁହେଁ । ନଦୀର ଜଳ ଦେଖିବାକୁ ଯିବା, ବନ୍ୟାଜଳ ମଧ୍ୟରେ ଯାନ ଚଲାଇବା, ଛୋଟ ପିଲାଙ୍କୁ ଜଳ ନିକଟକୁ ଯିବାକୁ ଦେବା, ବିଦ୍ୟୁତ ତାର କିମ୍ବା ଜଳମଗ୍ନ ଅଂଚଳରେ ଅସାବଧାନତା ଦେଖାଇବାଏସବୁ ଜୀବନ ପାଇଁ ଅନାବଶ୍ୟକ ବିପଦ । ପ୍ରକୃତିର ଶକ୍ତି ସମ୍ମୁଖରେ ମଣିଷର ଅହଂକାରର କୌଣସି ମୂଲ୍ୟ ନାହିଁ । ଆଜି ଓଡ଼ିଶାର ଅନେକ ଅଂଚଳ ଯେଉଁ ଯନ୍ତ୍ରଣା ମଧ୍ୟରେ ଅଛି, ସେଠାରେ ଆମ ସମସ୍ତଙ୍କ ମାନବିକତାର ପରୀକ୍ଷା ହେଉଛି । ସମାଜର ସକ୍ଷମ ଲୋକମାନେ ଆଗକୁ ଆସନ୍ତୁ । ଯାହାର ଘରେ ଅତିରିକ୍ତ ଖାଦ୍ୟ ଅଛି, ସେ ଭୋକିଲାଙ୍କୁ ଦିଅନ୍ତୁ । ଯାହାର ପାଖରେ ପୋଷାକ ଅଛି, ସେ ଆବଶ୍ୟକତାରେ ଥିବା ପରିବାରକୁ ଦିଅନ୍ତୁ । ଯାହାର ସାମର୍ଥ୍ୟ ଅଛି, ସେ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗ କରନ୍ତୁ । ଓଡ଼ିଶାର ମାଟିରେ ସଙ୍କଟ ସମୟରେ ମଣିଷ ମଣିଷର ହାତ ଧରିବାର ଯେଉଁ ପରମ୍ପରା ଅଛି, ତାହା ଆଜି ପୁଣି ଜାଗ୍ରତ ହେବା ଦରକାର । ଆମେ ଭୁଲିଯିବା ଉଚିତ ନୁହେଁ ବନ୍ୟା ଜାତି, ଧର୍ମ, ଦଳ, ଧନୀ, ଗରିବ ଦେଖେ ନାହିଁ । ପାଣି ସମସ୍ତଙ୍କ ଘର ଦ୍ୱାରକୁ ପହଂଚିପାରେ । ତେଣୁ ସହାୟତାରେ ମଧ୍ୟ କୌଣସି ଭେଦଭାବ ରହିବା ଉଚିତ ନୁହେଁ । ଆଜି ରାଜନୀତିର ସମୟ ନୁହେଁ; ଆଜି ମାନବିକତାର ସମୟ । ଆଜି ଦୋଷାରୋପର ସମୟ ନୁହେଁ; ଆଜି ଜୀବନ ବଂଚାଇବାର ସମୟ । କିନ୍ତୁ ଜଳ ହଟିଯିବା ପରେ ଆମକୁ ନିଶ୍ଚିତ ଭାବେ ପ୍ରଶ୍ନ କରିବାକୁ ହେବ—କେଉଁଠାରେ ଟୁଟି ହେଲା, କେଉଁଠାରେ ଆମେ ପ୍ରସ୍ତୁତ ନଥିଲୁ, କେଉଁ ନାଳା ବନ୍ଦ ହେଲା, କେଉଁ ଜଳାଶୟ ଦଖଲ ହେଲା, କେଉଁ ନଦୀପଥ ସଙ୍କୁଚିତ ହେଲା, କେଉଁ ରାସ୍ତା ଯୋଗୁଁ ଜଳପ୍ରବାହ ବାଧାପ୍ରାପ୍ତ ହେଲା ଏବଂ ଭବିଷ୍ୟତରେ ଏହି ଦୁଃଖକୁ କିପରି କମାଇହେବ । ବିପର୍ଯ୍ୟୟ ପରେ କେବଳ କ୍ଷତିପୂରଣ ଘୋଷଣା କରିଦେଲେ ଦାୟିତ୍ୱ ସରିଯାଏ ନାହିଁ । କ୍ଷତି କାହିଁକି ହେଲା ତାହା ବୁଝି ଆଗାମୀ ବିପଦକୁ କମାଇବା ହେଉଛି ସତ୍ୟ ଶାସନର ପରିଚୟ । ଆମକୁ ନଦୀକୁ ନଦୀ ଭାବେ ବଂଚିବାକୁ ଦେବାକୁ ପଡ଼ିବ । ଜଳାଶୟକୁ ଜଳାଶୟ ଭାବେ ସୁରକ୍ଷିତ ରଖିବାକୁ ପଡ଼ିବ । ନାଳାକୁ ଆବର୍ଜନାରେ ଭରିଦେବା ଅଭ୍ୟାସ ଛାଡ଼ିବାକୁ ପଡ଼ିବ । ଗାଁର ପୁରୁଣା ପୋଖରୀ, ଜଳାଶୟ ଓ ପ୍ରାକୃତିକ ଜଳପଥକୁ ପୁନରୁଦ୍ଧାର କରିବାକୁ ପଡ଼ିବ । ବର୍ଷାଜଳକୁ ଶତ୍ରୁ ଭାବିବା ନୁହେଁ, ତାହାକୁ ସଂରକ୍ଷଣ କରିବାର ବ୍ୟବସ୍ଥା କରିବାକୁ ପଡ଼ିବ । ଆଜି ଯେଉଁ ପାଣି ଘର ଭାସାଉଛି, ସେହି ପାଣି ଯଦି ଠିକ୍ ? ଭାବେ ସଂରକ୍ଷିତ ହୁଏ, ତେବେ ଆଗାମୀ ଦିନର ଖରାରେ ସେହି ପାଣି ଜୀବନ ଦେଇପାରିବ । ତେଣୁ ବର୍ଷା ଆମର ଶତ୍ରୁ ନୁହେଁ; ଅବ୍ୟବସ୍ଥା ଆମର ଶତ୍ରୁ । ନଦୀ ଆମର ଶତ୍ରୁ ନୁହେଁ; ନଦୀର ପଥକୁ ଅବହେଳା କରିବା ଆମର ଭୁଲ । ପ୍ରକୃତି ଆମକୁ ଶାସ୍ତି ଦେଉନାହିଁ; ପ୍ରକୃତି ଆମକୁ ସତର୍କ କରୁଛି । ଏହି ସତର୍କତାକୁ ବୁଝିବା ହିଁ ଆମର ଦାୟିତ୍ୱ । ଆଜି ଓଡ଼ିଶାର ଆକାଶ ଭାରୀ, ମାଟି ଭିଜା, ନଦୀ ଉଛୁଳା ଏବଂ ଲୋକଙ୍କ ମନ ଭୟରେ ଭରିଛି । କିନ୍ତୁ ଏହି ଅନ୍ଧାର ମଧ୍ୟରେ ଆମେ ଆଶାର ଦୀପ ଜଳାଇପାରିବା । ଜଣେ ଉଦ୍ଧାରକର୍ମୀ ଯେତେବେଳେ ନିଜ ଜୀବନକୁ ବିପଦରେ ପକାଇ ଅନ୍ୟ ଜଣଙ୍କୁ ଉଦ୍ଧାର କରନ୍ତି, ସେଠାରେ ମାନବିକତା ଜିତେ । ଜଣେ ଅଜଣା ମଣିଷ ଯେତେବେଳେ ନିଜ ନୌକାରେ ପଡ଼ୋଶୀଙ୍କୁ ଉଦ୍ଧାର କରନ୍ତି, ସେଠାରେ ମଣିଷର ମହତ୍ୱ ପ୍ରମାଣିତ ହୁଏ । ଜଣେ ଯୁବକ ଯେତେବେଳେ ରାତିରେ ଘରୁ ବାହାରି ବୃଦ୍ଧଙ୍କୁ ଆଶ୍ରୟକେନ୍ଦ୍ରକୁ ନେଇଯାଏ, ସେଠାରେ ଓଡ଼ିଶାର ଆତ୍ମା ଦେଖାଯାଏ । ଜଣେ ମହିଳା ଯେତେବେଳେ ନିଜ ଘରର ରୋଷେଇ ଚୁଲିରେ ଅଧିକ ଭାତ ରାନ୍ଧି ବନ୍ୟାପୀଡ଼ିତଙ୍କୁ ଖୁଆନ୍ତି, ସେଠାରେ ମାଟିର ମମତା ଦେଖାଯାଏ । ଏହି ମାନବିକତା ହିଁ ଓଡ଼ିଶାର ସତ୍ୟ ଶକ୍ତି । ଆଜି ଆମର ସଂଜ୍ଞାଦକୀୟର ଆହ୍ୱାନ ସରଳ କାହାକୁ ଏକା ଛାଡ଼ନ୍ତୁ ନାହିଁ । ଆପଣଙ୍କ ପଡ଼ୋଶୀ ବୃଦ୍ଧ କି ନିରାପଦରେ ଅଛନ୍ତି ଦେଖନ୍ତୁ । ଆପଣଙ୍କ ଗାଁର ଗର୍ଭବତୀ ମହିଳା କି ନିରାପଦରେ ଅଛନ୍ତି ଜାଣନ୍ତୁ । ଆପଣଙ୍କ ଅଂଚଳର ଶିଶୁ ଓ ଅସହାୟ ଲୋକଙ୍କୁ ପ୍ରଥମେ ସୁରକ୍ଷିତ କରନ୍ତୁ । ପ୍ରଶାସନର ନିର୍ଦ୍ଦେଶ ମାନନ୍ତୁ । ବିପଦକୁ ଦେଖି ଉତ୍ସୁକତାରେ ଭିଡ଼ କରନ୍ତୁ ନାହିଁ । ଅପ୍ରମାଣିତ ଖବର ପ୍ରଚାର କରନ୍ତୁ ନାହିଁ । ଯେଉଁଠାରେ ସହାୟତା ଆବଶ୍ୟକ, ସେଠାରେ ସୂଚନା ପହଂ

ପ୍ରତିଶ୍ରୁତି ପ୍ରତିଷ୍ଠାନ ପକ୍ଷରୁ ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ, ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ବାରିପଦା : ଦୀର୍ଘ ୪୪ ବର୍ଷ ଧରି ଭାଷା, ସାହିତ୍ୟ , ସଂସ୍କୃତି , କଳା ଓ ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ କାର୍ଯ୍ୟ କରୁଥିବା ପ୍ରତିଶ୍ରୁତି ପ୍ରତିଷ୍ଠାନ ତରଫରୁ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏକ ବହୁଭାଷୀ କବି ସମ୍ମିଳନୀ, ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ(ସଦ୍‌ଭାବନା ସଭା ଗୃହ) ଠାରେ ପ୍ରତିଷ୍ଠାନର ସ୍ଥାୟୀ ସଭାପତି ଡା. ପାର୍ଥ ସାରଥୀ ଜେନାଙ୍କ ପୌରହିତ୍ୟରେ ଏକ ଆଡମ୍ବରପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ସାହିତ୍ୟର ସେବା ସମାଜର ସେବା, ସାହିତ୍ୟର ସେବା ମାନବର ସେବା, ସାହିତ୍ୟର ସେବା ମାଧବର ସେବା ବୋଲି ଉଲ୍ଲେଖ କରି ସତ୍ ସାହିତ୍ୟର ପ୍ରଚାର ଫଳରେ ପରିବାର ଭିତରେ ସ୍ନେହ ଶ୍ରଦ୍ଧା ବୃଦ୍ଧି ପାଇବା ସହ ନିଜ ଘରକୁ ବୈକୁଣ୍ଠରେ ରୂପାନ୍ତରିତ କରାଯାଇ ପାରିବ ବୋଲି ମତ ଦେଇଥିଲେ । ଏହି ବର୍ଣ୍ଣାଢ୍ୟ ଉତ୍ସବରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭ ଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି, ଜିଲ୍ଲାଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ମୁଖ୍ୟ ବକ୍ତା, ବାରିପଦା ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଲେ କବିତା ହେଉଛି ଶବ୍ଦର ଏକ ଯାଦୁକରୀ ଶିଳ୍ପ, ଏହାର ଛନ୍ଦେ ଛନ୍ଦେ ବାଜିଉଠେ ଜୀବନର ସାମ ସଂଗୀତ , ବିଶ୍ୱର ରହସ୍ୟ ହୁଏ ଉନ୍ମୋଚିତ । ପ୍ରତିଶ୍ରୁତି ଏହି ବହୁଭାଷୀ କବି ସମ୍ମିଳନୀ ମାଧ୍ୟମରେ ବିଭିନ୍ନ ଭାଷାଭାଷୀ କବି ମାନଙ୍କ ଭିତରେ ଏକ ସୁନ୍ଦର ସମ୍ପର୍କ ଯୋଡିବା ପାଇଁ ଉଦ୍ୟମ କରିଛି ବୋଲି କହି ପ୍ରତିଷ୍ଠାନର ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଶ୍ରୀଯୁକ୍ତ ସେଠୀ କବିତା ମାଧ୍ୟମରେ କହିଲେ ଯେ କବିତାର ଭାଷା ସ୍ୱତନ୍ତ୍ର ଏହା କବିର ଦିବ୍ୟ ଭାବନାରେ ଉଦବୁଦ୍ଧ ହୁଏ ବୋଲି ମତ ରଖିଥିଲେ । ସମ୍ମାନୀତ ଅତିଥି ଶ୍ରୀଯୁକ୍ତ ମହାନ୍ତି କହିଲେ କବିତା ସତ୍ୟ ଓ ବାସ୍ତବତା କଳ୍ପନା ଓ ସୌନ୍ଦର୍ଯ୍ୟବୋଧର ସମନ୍ୱୟରେ ସାର୍ବଜନୀନତା ଲାଭ କରିଥାଏ ବୋଲି ଉଲ୍ଲେଖ କରି ପ୍ରତିଶ୍ରୁତି ଦୀର୍ଘ ୪୪ ବର୍ଷ ଧରି କବିତା ପାଠୋତ୍ସବ ଆୟୋଜନ ପୂର୍ବକ ତାର ଏହି ପ୍ରୟାସ ଜାରି ରଖିଥିବାରୁ ପ୍ରତିଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହି ଅବସରରେ ପ୍ରତିଶ୍ରୁତି ତରଫରୁ ନଗରପାଳ ଶ୍ରୀଯୁକ୍ତ ମହାନ୍ତିଙ୍କୁ ମୟୂରଭର ପୃଣ୍ୟଶ୍ଲୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓଙ୍କ ସ୍ମୃତିରେ ସମର୍ପିତ ପ୍ରତିଷ୍ଠାନର ସର୍ବୋଚ୍ଚ ମର୍ଯ୍ୟାଦା ଜନକ ସମ୍ମାନ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ସ୍ମୃତି ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା । ସମ୍ମାନ ସ୍ୱରୂପ ଶ୍ରୀଯୁକ୍ତ ମହାନ୍ତିଙ୍କୁ ମାନପତ୍ର, ଉତରୀୟ, ପଗଡି, ଟ୍ରଫି ଓ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ତଥା ପୁଷ୍ପଗୁଚ୍ଛ ମଂଚାସୀନ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ମାନପତ୍ର ପାଠ କରିଥିଲେ ଡ. ସଂଜୀବ କୁମାର ପାଣିଗ୍ରାହୀ । ପରେ କବୟିତ୍ରୀ ସୁଧାମୟୀ ଦାସ ଓ କବି ଗୋପାଳ ଚନ୍ଦ୍ର ସାଓଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଓଡ଼ିଆ, ସଂସ୍କୃତ, ଇଂରାଜୀ, ହିନ୍ଦୀ, ବଙ୍ଗଳା, ହୋ, ସାନ୍ତାଳି, ମୁଣ୍ଡାରି ପ୍ରଭୃତି ବିଭିନ୍ନ ଭାଷାର ପ୍ରାୟ ୮୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶିଷ୍ଟ ସଂଗୀତ ଶିଳ୍ପୀ ସୁଶ୍ରୀ ଭାରତୀ ବେବର୍ତା ଶ୍ରୀଜଗନ୍ନାଥଙ୍କ ଭଜନ ଓ ବନ୍ଦେ ମାତରମ୍ ଗାନ କରିଥିଲେ । ସଭାପତି ଡା. ଜେନା ପଠିତ କବିତା ଗୁଡିକର ସମୀକ୍ଷା କରି କହିଲେ ସାହିତ୍ୟ ସବୁବେଳେ ସମାଜର ହିତ ସାଧନ କରେ । ସମାଜକୁ ଉଚିତ ମାର୍ଗରେ ପରିଚାଳିତ କରିବା ସାହିତ୍ୟିକ ମାନଙ୍କର ପରମ କର୍ତବ୍ୟ ଏବଂ ନୈତିକ ତଥା ଆଧ୍ୟାତ୍ମିକ ଉନ୍ନତି ବିନା ସମାଜକୁ ଶୃଙ୍ଖଳିତ କରାଯାଇ ପାରିବ ନାହିଁ ସେଥି ପାଇଁ କବି ଓ ଲେଖକମାନଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ପରିଶେଷରେ କବି ବନମାଳି ପାତ୍ର ଆନୁଷ୍ଠାନିକ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟରେ ଦଶକୋଟି ନିଶା ମୁକ୍ତି ପ୍ରତିଜ୍ଞା ସମାରୋହ

କବିସୂର୍ଯ୍ୟନଗର : ସ୍ଥାନୀୟ ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟର ଶ୍ରେଣୀ ପ୍ରକୋଷ୍ଠରେ ଶୁକ୍ରବାର ଦିନ ଦଶକୋଟି ନିଶା ମୁକ୍ତି ପ୍ରତିଜ୍ଞା ସମାରୋହ ଅଧ୍ୟକ୍ଷ ଶ୍ରୀଯୁକ୍ତ ଅବନୀ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ବରିଷ୍ଠ ଦର୍ଶନ ଅଧ୍ୟାପକ ଶ୍ରୀଯୁକ୍ତ ହେମନ୍ତ କୁମାର ଗନ୍ତାୟତ ସ୍ୱାଗତ ଭାଷଣ ଦେବା ସହ କହିଥିଲେ ଯେ, ଭାରତ ସରକାରଙ୍କ ଦ୍ୱାରା ସମଗ୍ର ଦେଶରେ ନିଶା ମୁକ୍ତି ପ୍ରତିଜ୍ଞା ଅଭିଯାନ ଆରମ୍ଭ ହୋଇଥିବା ଯୋଗୁଁ କୋମଳମତି ଛାତ୍ର - ଛାତ୍ରୀ ଓ ଯୁବସମାଜ ସଚେତନ ହେବା ସହ ସମଗ୍ର ଦେଶ ନିଶାର ରାକ୍ଷସ କବଳରୁ ମୁକ୍ତି ପାଇ ପାରିବ । ଯାହା ଫଳରେ ଏକ ସୁସ୍ଥ ସମାଜ ଗଠନ ହେବାରେ ସକ୍ଷମ ହେବ । ଏପରି କାର୍ଯ୍ୟକ୍ରମ ଭାରତ ସରକାର ତଥା ଓଡ଼ିଶା ସରକାର ହାତକୁ ନେଇଥିବା ଯୋଗୁଁ ଅଧ୍ୟାପକ ଗନ୍ତାୟତ ଉଭୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ସେ'ପରି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ଓମ୍ ଶାନ୍ତି ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, କବିସୂର୍ଯ୍ୟ ନଗରର ବ୍ରହ୍ମା କୁମାରୀ ସୁଜ୍ଞାନୀ ଭଉଣୀ ନିଶା କିପରି ସଭ୍ୟ ସମାଜକୁ ଅସଭ୍ୟ କରୁଛି କହିବା ସହ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତଙ୍କୁ ନିଶା ମୁକ୍ତିର ପ୍ରତିଜ୍ଞା କରାଇଥିଲେ । ସେଭଳି ବ୍ରହ୍ମାକୁମାରୀ ଭଉଣୀ ପ୍ରମିଳା, ଭଉଣୀ ଜୟଶ୍ରୀ, ଭାଇ ମନୋଜ, ଭାଇ ଚରଣ ଓ ଭାଇ କପିଳେନ୍ଦ୍ର ନିଶା ଠାରୁ କିପରି ଦୂରେଇ ରହିହେବ ମନ୍ତବ୍ୟ ପ୍ରଦାନ କରିଥିଲେ । ଏହି ପ୍ରତିଜ୍ଞା ସମାରୋହକୁ ଅଧ୍ୟାପକ ଶ୍ରୀପ୍ରଭାତ କୁମାର ନନ୍ଦ ସଂଚାଳନା କରିଥିବା ବେଳେ ଅଧ୍ୟାପକ ଶ୍ରୀଚିତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଶ୍ରୀ ନରସିଂହ ପାଢ଼ୀ, ଅଧ୍ୟାପିକା ଶ୍ରୀମତୀ ରୁନି ପାଣିଗ୍ରାହୀ, ଡ଼ଃ. ସୌଭାଗ୍ୟ ମଞ୍ଜରୀ ନାଥ, କିରାଣୀ ଶ୍ରୀମତୀ ଧରିତ୍ରୀ ପ୍ରଧାନ, ଗ୍ରନ୍ଥାଗାରିକା ସୁଶ୍ରୀ ସୁଇଟି ସ୍ୱାଇଁ, ପିଅନ ଶ୍ରୀ ସୀତାପତି ମହାରଣା, ଶ୍ରୀ ବାବୁଲା ମଣ୍ଡଳ ଏବଂ ଶତାଧିକ ଛାତ୍ରୀ ଓ ଛାତ୍ର ଯୋଗଦାନ କରିଥିଲେ । ଶେଷରେ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିବାରୁ ଅଧ୍ୟକ୍ଷ କୃତଜ୍ଞତା ଜ୍ଞାପନ ଜଣାଇଥିଲେ ।

ସ୍ୱାଧୀନତା ଦିବସରେ ନୟାଗଡ଼ ରୋଟାରୀ କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ

ନୟାଗଡ଼ : ପବିତ୍ର ସ୍ୱାଧୀନତା ଦିବସ ଅବସରରେ ନୟାଗଡ଼ ରୋଟାରୀ କ୍ଲବ ତରଫରୁ ସ୍ଥାନୀୟ ରକ୍ତଭଣ୍ଡାର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । କ୍ଲବର ସଭାପତି ବାସୁଦେବ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ନୟାଗଡ଼ ଏସ୍‌ପି ଶ୍ରୀ ଶୁଭେନ୍ଦୁ ପାତ୍ର, ସିଡିଏମଓ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଏବଂ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ଏଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ରୋଟାରୀ କ୍ଲବର ସଭାପତି ବାସୁଦେବ ସାହୁ, ସମ୍ପାଦକ ଦିଲ୍ଲୀପ ମିଶ୍ର, ଉପ ସଭାପତି ଜି ରଶ୍ମିରାଜ, ଯୁଗ୍ମ ସଂପାଦକ ଦେବାଶିଷ ପଟ୍ଟନାୟକ, ସର୍ଜେଂଟ ଆଟ୍ ଆର୍ମ୍ସ ଭାଗୀରଥି ସାହୁ, ବରିଷ୍ଠ ସଦସ୍ୟ ପ୍ରଶନ୍ନ କୁମାର ବସନ୍ତିଆ, ନୁତନ ସଦସ୍ୟ ଆଦିଲ ଉଜ୍ ଜମା ପ୍ରମୁଖ ରକ୍ତଦାନ କରିଥିଲେ । ଏ ଇ ସହ ନୟାଗଡ଼ ର ଅନେକ ସାମାଜିକ କାର୍ଯ୍ୟକର୍ତା ଏବଂ ଛାତ୍ରଛାତ୍ରୀ ଏହି ଶିବିରରେ ରକ୍ତଦାନ କରିଥିଲେ । ବରିଷ୍ଠ ରୋଟାରିଆନ୍ ବ୍ରଜେନ୍ଦ୍ର ପଟ୍ଟନାୟକ, ପ୍ରକାଶ ପଟ୍ଟନାୟକ, ବସିରନ ବିବି, ଶ୍ରୀକାନ୍ତ ଖଟେଇ, ଗିତାଞ୍ଜଳୀ ମହାପାତ୍ର, ମିହିର ରଞ୍ଜନ ନାୟକ, ମଦନମୋହନ ମହାପାତ୍ର, ଅବିନାଶ ସାହୁ, ପ୍ରବୀର ପୃଷ୍ଟି, ପ୍ରମୁଖ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ନୟାଗଡ଼ ରକ୍ତଭଣ୍ଡାରର ସମସ୍ତ କର୍ମଚାରୀଙ୍କ ସହଯୋଗରେ ଶିବିରଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ଆଜିର ଶିବରରୁ ୩୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ରକ୍ତ ଭଣ୍ଡାର ତରଫରୁ ସୂଚନା ମିଳିଛି ।

ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ୮୦ ତମ ସ୍ୱାଧୀନତା ଦିବସ

ବାଲିଆପାଳ : (ନିପ୍ର) ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ୮୦ ତମ ସ୍ୱାଧୀନତା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି ।ଏହି ଅବସରରେ ବାଲିଆପାଳ ପଂଚାୟତ ସମିତି ପରିସରରେ ପଂଚାୟତ ସମିତି ଅଧକ୍ଷା ରଞ୍ଜିତ ନାୟକ ଜାତୀୟ ପତାକା ଉତୋଳନ କରି ବକ୍ତବ୍ୟ ପ୍ରଦାନ କରିଥିଲେ ।ବିଡିଓ ରାଧାରଞ୍ଜନ ଦାସ ଉପାଧକ୍ଷ ରାଜେଶ ଚୌଧୁରୀ ଙ୍କ ସହିତ ବ୍ଲକର ସମସ୍ତ କର୍ମଚାରୀ ଓ ଲୋକ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।ସେହିପରି ବାଲି ଆପାଳ ତହସିଲ କାର୍ଯ୍ୟାଳୟରେ ତହସିଲଦାର ସସ୍ମିତା ମୁର୍ମୁ ତାତୀୟ ପତାକା ଉତୋଳନ କରିଥିଲେ । ବାଲିଆପାଳ ଥାନା ପରିସରରେ ଆଇ ଆଇ ସି ସାଲଖାନ ମୁର୍ମୁ ଜାତୀୟ ପତାକା ଉତୋଳନ କରିଥିଲେ ।ବାଲିଆପାଳ ଲାୟନ୍ସ କ୍ଲବ ପକ୍ଷରୁ ସଭାପତି ଲାୟନ ବ୍ୟୋମକେଶ ସାହୁ ଜାତୀୟ ପତାକା ଉତୋଳନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଆର ସି ଲାୟନ ଅଜୟ କୁମାର ସାହୁ ଓ ଅନ୍ୟମାନେ ଯୋଗଦେଇଥିଲେ । ସେହିପରି ଜାମକୁଣ୍ଡା ଛକ ବଣିକ ସଂଘ ପକ୍ଷରୁ ପାଳିତ ହୋଇଥିବା ୮୦ ତମ ସ୍ୱାଧୀନତା ଦିବସରେ ଅବସରପ୍ରାପ୍ତ ଶିକ୍ଷକ ଭୃଗୁରାମ ବିଶ୍ୱାଳ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିଥିଲେ ।ବଣିକ ସଂଘ ବାଲିଆପାଳ ସଭାପତି ଦାମୋଦର ପ୍ରଧାନ ଓ ଅନ୍ୟମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ବସ ଷ୍ଟାଣ୍ଡ ଠାରେ ଦୁର୍ଗା ପୂଜା କମିଟି ପକ୍ଷରୁ ସମ୍ପାଦକ ଅଜୟ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ପୂର୍ବତନ ସରପଂଚ ମଧୁସୂଦନ ବାରିକ ଯୋଗଦେଇ ଜାତୀୟ ପତାକା ଉତୋଳନ କରିଥିଲେ ।ସେହିପରି ବାଲିଆପାଳ ଫିଜିକାଲ କଲେଜରେ ବାଲିଆପାଳ ଆଇ ଆଇ ସି ସାଲଖାନ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତୋଳନ କରି ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ ।ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଜେନା,ବାଘାଯତିନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା, ବିଷ୍ଣୁପୁର ଠାରେ ସରପଂଚ ମହେଶ୍ୱର ଜେନା, ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଆବାହକ ଅରୁଣ ଜେନା ଜାତୀୟ ପତାକା ଉତୋଳନ କରିଥିଲେ ।ଏଥି ସହିତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଏବଂ ବହୁ ସ୍ଥାନରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ବ୍ୟକ୍ତି ବିଶେଷଙ୍କ ଘରେ ମଧ୍ୟ ଜାତୀୟ ପତାକାକୁ ସମ୍ମାନ ଜଣାଇ ନିଜ ଘରେ ଉଡାଇ ଥିବାର ଜଣାଯାଇଛି ।

ସ୍ୱାଧୀନତା ଦିବସ ପାଳିତ

ବୈଶିଙ୍ଗା : ବେତନଟୀ ବିଜ୍ଞାପିତ ଅଂଚଳ ତଥା ଗ୍ରାମାଂଚଳରେ ଥିବା ସମସ୍ତ ବିଦ୍ୟାଳୟ, ଯୁବକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ,ବିଭିନ୍ନ ସାମାଜିକ ଅନୁଷ୍ଠାନ ସରକାର୧ ଓ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରାଯାଇଅଛି ସ୍ଥାନୀୟ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ଦିବସ ପାଳନ କମିଟି ତରଫରୁ ଜୟନ୍ତ ପଟ୍ଟନାୟକଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କର ପତାକା ଉତୋଳନ ଓ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବଂଟନ କରିଥିଲେ । ସିଭିଲ ସୋସାଇଟି ତରଫରୁ ଭିନ୍ନକ୍ଷମ ଲକ୍ଷ୍ମୀଧର ନାୟକ ପତାକା ଉତୋଳନ ଓ ବକ୍ତବ୍ୟ ପ୍ରଦାନ କରିଥିଲେ ସାଧାରଣ ସଂପାଦକ ଆଇନ୍‌ଜୀବୀ ମ ମହାନ୍ତି । ରୋଟାରୀ କ୍ଲବ୍ ତରଫରୁ ଉପ ସଭାପତି ରବିନ୍ଦ୍ରନାଥ ମିଶ୍ର ପତାକା . ଉତୋଳନ ଓ ସଂପାଦକ ସଂଜୟ କୁମାର ଭୂୟାଁ ସଂଯୋଜନା କରିଥିଲେ । ସ୍ଥାନୀୟ ଜେ.ଏମ.ଏଫ.ସି. ଅଦାଲତ ପରିସରରେ ଆଇନଜୀବୀ ଓ ଅଫିସ କର୍ମଚାରୀଙ୍କ ଉପସ୍ଥିତିରେ ବିଚାରପତି ସୁଶ୍ରୀ ରଶ୍ମି ନାରାୟଣୀ ମିଶ୍ର ଜାତୀୟ ପତାକା ଉତୋଳନ ଓ ବକ୍ତବ୍ୟ ପ୍ରଦାନ କରିଥିଲେ । ଚଣ୍ଡୀଛକ ପାର୍ଶ୍ୱସ୍ଥ ଶ୍ରୀରାମ ଛକରେ ମଧ୍ୟ ଏହି ଦିବସ ମହାସମାରୋହରେ ଆୟୋଜକ ସନ୍ଦୀପ ମିଶ୍ରଙ୍କ ଦ୍ୱାରା ଏହା ପାଳନ କରାଯାଇଅଛି ।

ଆନ୍ତରାଷ୍ଟ୍ରୀୟ ଅଗରୱାଲ ମାରୁଆଡ଼ି ସମାଜର ସମ୍ମିଳନୀ

କଟକ: (ନି ପ୍ର) ଚୌଧୁରୀ ବଜାରସ୍ଥିତ ଶହୀଦ ଭବନରେ କଟକ ଅଗରୱାଲ ସମାଜ ଓ ଅର୍ନ୍ତରାଷ୍ଟ୍ରୀୟ ଅଗରୱାଲ୍ ସମାଜ ଆନୁକୂଲ୍ୟରେ ଦୁଇ ଦିନିଆ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୮୦ରୁ ଉର୍ଦ୍ଧ୍ୱ ଯୁବ ବ୍ୟବସାୟୀ, ଉଦ୍ୟୋଗୀ, ଯୁବ ଡାକ୍ତର ଏବଂ ଚାଟାର୍ଡ ଆକାଉଂଟାଂଟସ୍ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଯୁବ ବ୍ୟବସାୟୀ ଓ ଉଦ୍ୟୋଗୀ ମାନଙ୍କ ମଧ୍ୟରେ ମେଡିସିନ କାରଖାନା, ଆଲୁମିନିୟମ୍ ବାଲ୍ଟି ତିଆରି କାରଖାନା, ବିଭିନ୍ନ ଏଗ୍ରୋ ପ୍ରୋସେସିଂ କମ୍ପାନୀ ତଥା କପଡ଼ା ବ୍ୟବସାୟୀଠାରୁ ଆରମ୍ଭ କରି କୋଇଲା ବ୍ୟବସାୟୀ ପର୍ଯ୍ୟନ୍ତ ଅନେକ ଯୁବ ପ୍ରତିଭାଙ୍କୁ ଉତରୀୟ ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା ଏବଂ ପୁରସ୍କାର ଟ୍ରଫି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଏମ୍ ଏସ ଏମ ଇ ବିଭାଗର ଅଧିକାରୀ, ଓଡ଼ିଶା ମୁଖ୍ୟ କମର୍ସ ମିନିଷ୍ଟର ଏକ୍ସପୋର୍ଟ ଅଫିସର୍ ସିଦବି ବ୍ୟାଙ୍କର ଉଚ୍ଚ ପଦସ୍ଥ ଅଧିକାରୀ, ଏମ୍ସର ଭି ସି ପ୍ରଫେସର ଡାକ୍ତର ମାନସ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ହୋଇ ଯୁବ ପ୍ରତିଭାଧର ମାନଙ୍କୁ ସମ୍ବର୍ଦ୍ଧିତ କରି ଆଗକୁ ଯିବା ପାଇଁ ପ୍ରେରଣା ଦେବା ସହିତ ଦକ୍ଷ କର୍ତବ୍ୟ ପରାୟଣ ହେବା ପାଇଁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ କଟକ ଅଗରୱାଲ୍ ସମାଜର ସଭାପତି ବିଶ୍ୱନାଥ ଚୌଧୁରୀ, ଅର୍ନ୍ତରାଷ୍ଟ୍ରୀୟ ଅଗରୱାଲ ସମାଜର ସଭାପତି ମହେନ୍ଦ୍ର ଅଗରୱାଲ୍, ରମଣ ବାଗାଡ଼ିଆ, ବିଜୟ ଜାଲନ, ମନୋଜ ମଙ୍ଗୋଲିଆ, ବିଜୟ ଅଗରୱାଲ, ଅନିଲ ଅଗରୱାଲ୍ ପ୍ରମୁଖଙ୍କ ସମେତ ଅନେକ କର୍ମକର୍ତା କାର୍ଯ୍ୟକ୍ରମକୁ ପରିଚାଳନା କରି ସାଫଲ୍ୟ ମଣ୍ଡିତ କରିଥିଲେ ।

ରେଳ ଉପଭୋକ୍ତା ସଂଘ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବଲାଙ୍ଗିର : (ହି.ସ.)- ରେଳ ଉପଭୋକ୍ତ ସଂଘ ଓ ରେଳବାଇ ପ୍ରଶାସନର ମିଳିତ ଉଦ୍ୟମରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରେଳ ଷ୍ଟେସନର ପ୍ରବେଶ ପଥ ର ଉଭୟ ପାଶ୍ୱର୍ରେ ଗୁଆ ଗଛ ଓ ଗୋଟିଏ ପାଶ୍ୱର୍ରେ କରଞ୍ଜ ଓ

କାଣ୍ଡଗରଡ଼ି ପଂଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱାଧିନତା ଦିବସ ଉପଲକ୍ଷେ ବାର୍ଦ୍ଧକ୍ୟ ସେବା ମହୋତ୍ସବ ମହା ଆଡ଼ମ୍ବରରେ ପାଳିତ

ନୀଳଗିରି (ନିପ୍ର) : ସାରାଦେଶରେ ସହର ଠାରୁ ପୁରପଲ୍ଲୀ ପାର୍ଯ୍ୟନ୍ତ ଆବାଳବୃଦ୍ଧ ବନିତା ୮୦ତମ ସ୍ୱାଧୀନତା ଦିବସ ହର୍ଷଉଲ୍ଲାସରେ ପାଳନ କରୁଛନ୍ତି । କିନ୍ତୁ ବାର୍ଦ୍ଧକ୍ୟ ମାନଙ୍କୁ ନେଇ ସ୍ୱାଧିନତା ଦିବସ ପାଳିତ ଏକ ନିଆରା ଓ ବିରଳଚିତ୍ର ଦେଖିବାକୁ ମିଳିଛି । ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନ ମଣ୍ଡଳୀ ର ଔପଦା ବ୍ଲକ କାଣ୍ଡଗରଡ଼ି ପଂଚାୟତ ପରିସରରେ ସ୍ୱାଧିନତା ଦିବସ ଉପଲକ୍ଷେ ୫ତମ ବାର୍ଦ୍ଧକ୍ୟ ସେବା ମହୋତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଆଜି ସକାଳେ ୭ଟା ସମୟରେ ସ୍ଥାନୀୟ କଲେଜ ର ଛାତ୍ର/ଛାତ୍ରୀ, ପଂଚାୟତ ବାସୀ, ସମାଜସେବୀ, ଆବାଳ ବୃଦ୍ଧ ବନିତାଙ୍କୁ ନେଇଏକ ବିରାଟ ତ୍ରୀରଙ୍ଗା ଯାତ୍ରା ବାହାରି ସନ୍ତରା ଗଡ଼ିଆ ବଜାର ପରିକ୍ରମା କରି ପଂଚାୟତ ପରିସରରେ ପହଂଚି ଥିଲେ । ବୃଦ୍ଧ/ବୃଦ୍ଧା ଙ୍କୁ ନେଇ

ପଂଚାୟତ ଅଫିସ୍ ରେ ପତକା ଉତୋଳନ କରାଯାଇଥିଲା । ପଂଚାୟତର ସରପଂଚ ରାଜେନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ମହୋତ୍ସବ ଆରମ୍ଭ ଥିଲା । ସଂଗଠକ ବଳରାମ ବିଶ୍ୱାଳ ମଂଚ ପରିଚାଳନା କରିଥିଲେ । ଅତିଥି ମାନଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥ ଙ୍କ ଠାରେ ପୁଷ୍ପ ମାଲ୍ୟାପଣ ଦୀପ ପ୍ରଜ୍ଜଳନ କରାଯାଇଥିଲା । ଉକ୍ତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ପ୍ରିୟ ବିଧାୟକ ସନ୍ତୋଷ ଖଟୁଆ, ସମ୍ମାନିତ ଅତିଥି ଭାବେ ୨ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ, ବାଉଁଶ ବଣିଆ ପଂଚାୟତର ସମିତି ସଭ୍ୟ ସୁଭେନ୍ଦୁ ସ୍ୱାଇଁ, ନୀଳଗିରି ଥାନା ର ଅଧିକାରୀ ଗୋବର୍ଦ୍ଧନ ନାୟକ ପ୍ରମୁଖ ମଂଚାସୀନଥିଲେ । ସ୍ୱାଧୀନତା ଦିବସ ଓ ବାର୍ଦ୍ଧକ୍ୟ ହୋଇଗଲେ ବାପ, ମା' କିପରି ସେବା ପାଇବାରୁ ବଂଚିତ ହେଉଛନ୍ତି, ବାପ, ମା ଙ୍କୁ କିପରି ସେବା ଯୋଗାଇବେ ସେ ବିଷୟରେ ନିଜ ନିଜର ଅତିଥ ବୃନ୍ଦ ବକ୍ତବ୍ୟ ରଖିଥିଲେ । ସରପଂଚ ରାଜେନ୍ଦ୍ର ରାଉତ ବକ୍ତବ୍ୟରେ ପୁଅମାନେ ଯେମିତି ବାପା ମା ଙ୍କୁ ସେବା କରିବ ତୁମ ପୁଅ ତୁମର ସେମିତି ସେବା କରିବ । ଏଣୁ ବୃଦ୍ଧ ପିତାମାତା ଙ୍କୁ ପୁଅମାନେ ହଇରାଣ ନ କରିବାକୁ ଅନୁରୋଧ କରିଥିଲେ । ଅତିଥିମାନଙ୍କ ଦ୍ୱାରା ୧୯୯୩ ମସିହା ଠାରୁ ଉକ୍ତ ପଂଚାୟତର ପୂର୍ବତନ ସରପଂଚ ମହେଶ୍ୱର ମାଝୀ, ଶୁଭସ୍ମିତା ସେଠୀ, ପାର୍ବତୀ ନାୟକ, ସମିତି ସଭ୍ୟା ମାଳତୀ ମାଝୀ, କୌଶଲ୍ୟା ମଡୁଆଳ ପ୍ରମୁଖଙ୍କୁ ଉପଢକନ,ପୁଷ୍ପ ଗୋଛ ଦେଇ ସମ୍ମାନିତ କରାଯାଇଥିଲା । ପଂଚାୟତର ଥିବା ମହାବିଦ୍ୟାଳୟର +୨,+୩, ବିଦ୍ୟାଳୟର ୧୦ ମ, ୭ମ, ୫ମର ଶ୍ରେଣୀର କୃତି ଛାତ୍ର/ଛାତ୍ରୀ ୨୫ଜଣଙ୍କୁ ପୁରସ୍କୃତ କରାଯାଇଥିଲା । ପଂଚାୟତର ମା'ମାନଙ୍କୁ ନେଇ ରଙ୍ଗଲି, ଶଙ୍ଖ ଫୁଙ୍କା, ପୁଚ୍ଚି, ଗୀତ, ନାଚ, ମ୍ୟୁଜିକ୍ ଚେୟାର ଖେଳର ବିଜେତାଙ୍କୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ମା'ମାନଙ୍କୁ ପୁଷ୍ପ ଗୋଛ, ଉପଢକନ ଓ ମାନପତ୍ର ଦେଇ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ନନ୍ଦନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । କୁଇଜ୍, ଗୀତ, ନାଚ, ଅଭିନୟର ଭାଗ ନେଇଥିବା ଛୋଟ ଛୋଟ ଛୋଟ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା । ପଂଚାୟତର ପକ୍ଷରୁ ହଜାର ହଜାର ଲୋକଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା । ୧୩ଟି ୱାର୍ଡ଼ ସେନ୍ଥର, ଉଦ୍ୟକ୍ତା ରମାକାନ୍ତ ସ, ମଣିଭଦ୍ର ମହାପାତ୍ର, ଜୟଦେବ ବେହେରା,କରୁଣାକର ରାଉତ, ପୂଷ୍ପ ରାଉଳ, ପ୍ରତାପ କିଶୋର ପାଢୀ, ମହେଶ୍ୱର ମାଝୀ, ଲକ୍ଷ୍ମୀକାନ୍ତ ରାଉତ, ବିନୟ କୁମାର ବାରିକ, ରମେଶ ମହାନ୍ତି, ଦେବେନ୍ଦ୍ର ନାୟକ, ଟୁନୁ ପଟ୍ଟନାୟକ, ମନୋରଂଜନ ନାୟକ, ଉପେନ୍ଦ୍ର ଧାମୁଡ଼ିଆ, ନିରାକର ନାୟକ, ଅଙ୍ଗନଓ୍ୱାଡ଼ି କର୍ମୀ, ଆଶାକର୍ମୀ, ସୟମ୍ ସହାୟାକା ଗୋଷ୍ଠୀର ସଦସ୍ୟା, ସମାଜିକ କର୍ମୀ, ପଂଚାୟତବାସୀ ପ୍ରମୁଖ ସହଯୋଗ କରିଥିଲେ ।

ମୟୁରିକା କୋଚିଂ ସେସଟରରେ ନବାଗତଙ୍କୁ ସ୍ୱାଗତ

ବୈଶିଙ୍ଗା(ନିପ୍ର): ବେତନଟୀ ର ଅନ୍ୟତମ ଅଗ୍ରଣୀ ବେସରକାରୀ କୋଚିଂ ଶିକ୍ଷାନୁଷ୍ଠାନ 'ମୟୁରିକା'ରେ ଷଷ୍ଠ ଶ୍ରେଣୀର ନବାଗତ ଛଣଛାତ୍ରୀ ମାନଙ୍କୁ ସ୍ୱାଗତ ଓ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଲାଭ କରୁଥିବା ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ କ୍ୟାରିଆର ମାର୍ଗଦର୍ଶନ ପ୍ରଦାନ କାର୍ଯ୍ୟକ୍ରମ ୧୬ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ହୋଇ ଯାଇଅଛି । ଅନୁଷ୍ଠାନର ଅଧକ୍ଷ ଉତ୍ତରୁଧର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରମ୍ଭରେ ଶିକ୍ଷାନୁଷ୍ଠାନର ଛାତ୍ରୀଗଣ ପ୍ରାରମ୍ଭିକ ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଶିକ୍ଷକ ଏସ୍. କେ. ଅପସର ଅଲ୍ଲୀ ଅତିଥି ପରିଚୟ ଓ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ନେଭାଲ ଅଫିସର ସୋମନାଥ ମହାନ୍ତ ସାମରିକ ବାହାନୀରେ ଯୋଗଦାନ ସମ୍ବନ୍ଧୀୟ ତଥ୍ୟ ଓ ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ତଥା ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ନବାଗତ ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ଚାକିରୀ ଓ ପ୍ରତିଯୋଗିତା ମୂଳକ ପରୀକ୍ଷା ସମ୍ବନ୍ଧିତ ସୂଚନା ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଆଶୁକବି ତଥା ସଂଗଠକ ବାସୁଦେବ ନାପିତ ଛାତ୍ର ଜୀବନୀର ଉପାଦେୟତା ଓ ଭବିଷ୍ୟତ ଗଠନର ମାର୍ଗଦର୍ଶନ ସମ୍ବନ୍ଧିତ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

୮୦ତମ ସ୍ୱାଧୀନତା ଦିବସ ଓ ସ୍ୱର୍ଗତଃ ରାମବିଳାଶଙ୍କର ୮୧ତମ ଜନ୍ମ ଜୟନ୍ତୀ ପାଳିତ

କଟକ(ନିପ୍ର): ରାମବିଳାଶ ଶର୍ମା ସେବା ସ୍ମୃତି ପକ୍ଷରୁ ସ୍ଥାନୀୟ ମେରିଆ ବଜାର ମଙ୍ଗରାଜ କଲୋନୀ ଠାରେ ୮୦ ତମ ସ୍ୱାଧୀନତା ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ବିଶିଷ୍ଟ ସମାଜସେବୀ ସ୍ୱର୍ଗତଃ ରାମବିଳାଶ ଶର୍ମାଙ୍କ ୮୧ ତମ ଜନ୍ମ ଉତ୍ସବ ପାଳନ କରାଯାଇଛି । ସ୍ମୃତି ପରିଷଦ ପକ୍ଷରୁ କିଶନ ଶର୍ମା ସ୍ୱାଗତ ଭାଷଣ ସହିତ ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲ । ବିଶିଷ୍ଟ ସମାଜସେବୀ ଓ ସ୍ମୃତି ପରିଷଦର ଉପଦେଷ୍ଟା ପରିକ୍ଷିତ ମହାରାଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିବା ସହ ଏଠାରେ ଉପସ୍ଥିତ ସମସ୍ତ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଏଥି ସହିତ ସ୍ୱର୍ଗତଃ ରାମବିଳାଶ ଶର୍ମା ଓ ସ୍ୱାଧୀନତା ସଂଗ୍ରାମୀ ଯଦୁମଣୀ ମଙ୍ଗରାଜଙ୍କ ସ୍ମୃତି ଚାରଣ କରିବା ସହ ସେ କହିଲେ ସ୍ୱର୍ଗତଃ ଶର୍ମାଙ୍କର ଭୂମିକା ସମାଜରେ ଅପୂରଣୀୟ ଅଟେ । ତାଙ୍କର ସ୍ଥାନ କେହି ନେଇ ପାରିବେ ନାହିଁ । କୌଣସି ପ୍ରକାର ଅସୁବିଧା ହେଲେ, ସେ ନିଜେ ଛିଡ଼ା ହୋଇ ସାହାଯ୍ୟ ପ୍ରଦାନ କରୁଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ସ୍ୱର୍ଗତ ଶର୍ମାଙ୍କ ସମାଜ ପ୍ରତି ଯୋଗଦାନ ଆମେ ସ୍ମରଣ କରି ପାରୁଛୁ ସେ ଜଣେ ଲୋକପ୍ରିୟ ସମାଜସେବୀ ଥିଲେ । ଏହି କାର୍ଯ୍ୟକ୍ରମରେ ଶହ ଶହ ମହିଳା ଉପସ୍ଥିତ ହୋଇ ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେ ପକାଇଥିଲେ । ଯେଉଁମାନେ ଦେଶ ପ୍ରତି ନିଜ ଜୀବନକୁ ବଳିଦାନ ଦେଇଛନ୍ତି, ଆମ ଦେଶ କେଉଁ ପରିସ୍ଥିତିରେ ସ୍ୱାଧୀନତା ଲାଭ କରିଥିଲା ଓ ହଜାର ହଜାର ସ୍ୱାଧୀନତା ସଂଗ୍ରାମୀ ଦେଶପାଇଁ ନିଜର ଜୀବନ ବଳିଦାନ ଦେଇଥିଲେ ତାହା ମଧ୍ୟ ଛୋଟ ଛୋଟ କୁନି ପିଲାମାନଙ୍କୁ କୁହା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ମନୋଜ ଶର୍ମା, ଟୁଲନ, କଳ୍ପନା ମହାନ୍ତି, ବୈରାଗୀ ଭୂୟାଁ, ସୁରଜ ଗୁପ୍ତା, ମୀନତି ମହାନ୍ତି, ଅନିଲ ରାମ, ସୁଶୀଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଘର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସମସ୍ତଙ୍କୁ ତ୍ରିରଙ୍ଗା ଓ ମିଷ୍ଠାନ୍ନ ବିତରଣ କରାଯାଇଥିଲା ।

ଭାରତୀୟ ମଜଦୁର ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ନୟାଗଡ଼ (ନିପ୍ର): ଭାରତୀୟ ମଜଦୂର ସଂଘର ଜାତୀୟ ଆହ୍ୱାନ କ୍ରମେ ଶ୍ରମିକମାନଙ୍କ ବିଭିନ୍ନ ନ୍ୟାୟସଙ୍ଗତ ଦାବିକୁ ନେଇ କାର୍ଯ୍ୟକର୍ତା ଏକ ବିଶାଳ ରାଲି ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିଲା ଓ ରାଲିରେ ବିଭିନ୍ନ ଶମିକ ଓ କର୍ମଚାରୀ ସଂଘ ଉପସ୍ଥିତ ରହି ଭାରତ ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼

ଜିଲ୍ଲାପାଳଙ୍କ ଶ୍ରମିକମାନଙ୍କ ବିଭିନ୍ନ ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ଭାରତୀୟ ମଜଦୂର ସଂଘର ରାଂଚି ଠାରେ ଅନୁଷ୍ଠିତ ୧୬୧ତମ କେନ୍ଦ୍ରୀୟ କାର୍ଯ୍ୟ ସମିତି ବୈଠକର ନିଷ୍ପତି ଅନୁଯାୟୀ ୧୭ ଅଗଷ୍ଟ ୨୦୨୬ରେ ଦେଶର ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ଏହି ପ୍ରତିବାଦ ଦିବସ ପାଳନ କରାଯାଇଛି । ଇଗଝ ଓଡିଶା ପ୍ରାନ୍ତର ଆହ୍ୱାନରେ ରାଜ୍ୟର ସମସ୍ତ ଜିଲ୍ଲାରେ ମଧ୍ୟ ଏହି କାର୍ଯ୍ୟକ୍ରମ ହୋଇଥିଲା । ଶ୍ରମିକଙ୍କ ଦୀର୍ଘଦିନର ଦାବିଗୁଡିକ ମଧ୍ୟରେ ରଝଓଉ ଦରମା ସୀମା ୨୧,୦୦୦ରୁ ୪୨,୦୦୦ ଟଙ୍କା, ନ୍ୟୁନତମ ପେନସନ ୧,୦୦୦ରୁ ୭,୫୦୦ ଟଙ୍କା, ଉଚ୍ଚ ଦରମା ସୀମା ୩୦,୦୦୦ ଟଙ୍କା, ବୋନସ ଗଣନା ସୀମା ୧୮,୦୦୦ ଟଙ୍କା ଓ ବୋନସ ଯୋଗ୍ୟତା ସୀମା ୪୨,୦୦୦ ଟଙ୍କା କରିବା ପ୍ରମୁଖ ଏଥିସହ ଅଙ୍ଗନଓ୍ୱାଡି ଓ ଆଶା ଭଳି ସ୍କିମ ଶ୍ରମିକଙ୍କ ମାନଦଣ୍ଡ ବୃଦ୍ଧି, ଚୁକ୍ତିଭିତିକ ଶ୍ରମିକଙ୍କୁ 'ସମାନ କାମକୁ ସମାନ ଦରମା', ଶମିକ ବିରୋଧୀ ଶ୍ରମ ଆଇନର ଧାରା ବିଲୋପ, ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ପାଂଚ ଦିନିଆ କାର୍ଯ୍ୟ ସପ୍ତାହ, ଗ୍ରାଟୁଇଟି ସୀମା ୪୦ ଲକ୍ଷ ଟଙ୍କା, ଜାତୀୟ ନ୍ୟୁନତମ ଦରମା ମାସିକ ୩୦,୦୦୦ ଟଙ୍କା ଏବଂ ଜୀବନ ବୀମା ଓ ଡ ଭ ଲ ପ ମେ ଂ ଟ ଅଫିସରମାନଙ୍କୁ ପୂର୍ଣ୍ଣ ଚାକିରି ସୁରକ୍ଷା ଦେବା ଆଦି ଦାବି ରହିଛି । ଏହି କାର୍ଯ୍ୟକ୍ରମ ନୟାଗଡ଼ ଜିଲ୍ଲା ସମ୍ପାଦକ ସୁକାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଙ୍ଗନଓ୍ୱାଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ବିନୋଦିନୀ ପରିଡ଼ା, ଜିଲ୍ଲା ସମ୍ପାଦିକା ଗୀତାଞ୍ଜଳି ସେଠୀ, ଉପସଭାପତି ଶ୍ରୀମତୀ ମେନକା ପଲେଇ, ନୟାଗଡ଼ ବ୍ଲକ ସଭାପତି ମିନତି ମିଶ୍ର, ସମ୍ପାଦିକା ସୀମା ପ୍ରଧାନ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଜିଲ୍ଲା ଉପସଭାପତି ଲକ୍ଷ୍ମୀଧର ସ୍ୱାଇଁ, ଦକ୍ଷିଣକାଳୀ ବିଦ୍ୟୁତ୍ କର୍ମଚାରୀ ସଂଘ ଜିଲ୍ଲା ସମ୍ପାଦକ ସଂଜୟ ପଟ୍ଟନାୟକ, ସଭାପତି ଆଲୋକ ରାଉତ, ଜିଲ୍ଲା କୋଷାଧକ୍ଷା ବାସନ୍ତୀ ପ୍ରଧାନ ଏବଂ କୋଷାଧକ୍ଷା ଦୀପା ସାହୁକ ସମେତ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତା ଓ କାର୍ଯ୍ୟକର୍ତା ଯୋଗ ଦେଇଥିଲେ ଓ ସଂଘବଦ୍ଧ ଶ୍ରମିକ ଶକ୍ତି ମାଧ୍ୟମରେ ଶ୍ରମିକକ ନ୍ୟାୟସଙ୍ଗତ ଦାବି ପୂରଣ ପାଇଁ ଆଗାମୀ ଦିନରେ ମଧ୍ୟ ଆନ୍ଦୋଳନକୁ ଅଧୁକ ବ୍ୟାପକ କରାଯିବ ବୋଲି ଇଗଝ ନୟାଗଡ଼ ଜିଲ୍ଲା ପକ୍ଷରୁ କୁହାଯାଇଛି ।

୨ୟ ଅଟଳ ଫେଷ୍ଟ ୨୦୨୬ର ଭବ୍ୟ ଉଦ୍‌ଘାଟନୀ ସମାରୋହ ସମ୍ପନ୍ନ

କଟକ : (ନି ପ୍ର) ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଆଦର୍ଶ, ରାଷ୍ଟ୍ରବାଦୀ ଚିନ୍ତାଧାରା, ସୁଶାସନ, ସାମାଜିକ ସଦ୍ ?ଭାବ ଓ ରାଷ୍ଟ୍ରସେବାର ବାର୍ତାକୁ ସମାଜର ସମସ୍ତ ବର୍ଗ ତଥା ଯୁବପିଢ଼ିଙ୍କ ନିକଟରେ ପହଂଚାଇବା ଉଦ୍ଦେଶ୍ୟରେ ଅଟଳ ସ୍ମୃତି ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ୨ୟ ଅଟଳ ଫେଷ୍ଟ ୨୦୨୬ର ଭବ୍ୟ ଉଦ୍‌ଘାଟନୀ ସମାରୋହ କଟକର ସାରଳା ଭବନ, ବିଜୁ ପଟ୍ଟନାୟକ ଛକଠାରେ ସଫଳତାର ସହ

ଅନୁଷ୍ଠିତ ହୋଇଯାଇଛି ।ଏହି ମହୋତ୍ସବ ଅଟଳ ସ୍ମୃତି ଫାଉଣ୍ଡେସନ୍‌ର ସଭାପତି ତଥା ଅଟଳ ଫେଷ୍ଟ ୨୦୨୬ର ମୁଖ୍ୟ ସଂଯୋଜକ ଚିତରଞ୍ଜନ ଦାସଙ୍କ ନେତୃତ୍ୱରେ, ଅଟଳ ଫେଷ୍ଟ ୨୦୨୬ର ସଭାପତି ସଞ୍ଜୟ ଶର୍ମାଙ୍କ ତତ୍ତ୍ୱାବଧାନରେ ଏବଂ ଯାଜପୁରର ମାନ୍ୟବର ସାଂସଦ ତଥା ଅଟଳ ଫେଷ୍ଟ ୨୦୨୬ର ଚେୟାରମ୍ୟାନ୍ ରବୀନ୍ଦ୍ର ନାରାୟଣ ବେହେରାଙ୍କ ମାର୍ଗଦର୍ଶନ ଓ ପରାମର୍ଶରେ ଆୟୋଜିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଜନପ୍ରତିନିଧି, ବରିଷ୍ଠ ରାଜନୈତିକ ନେତା, ସମାଜସେବୀ ଓ ବିଭିନ୍ନ କ୍ଷେତ୍ରର ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥିମାନେ ହେଲେ - ପ୍ରଭାକର ସ୍ୱାଇଁ, ସୁରଥ ବିଶ୍ୱାଳ, ମାନ୍ୟବର ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା , ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଅଟଳ ସ୍ମୃତି ଫାଉଣ୍ଡେସନର ମୁଖ୍ୟ ସଂଯୋଜକ ଚିତରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

AFFIDAVIT

By virtue of an affidavit sworn before Executive Magistrate and Tahasildar, Baliapal, Balasore, Odisha dated 14.08.2026, I, Trilochan Dhal, aged about 32 years, S/o- Murali Dhal of Village- Deula, Po- Jathia, Via- Singla, Ps- Baliapal, Dist- Baleswar in the state of Odisha, Pin- 756023, Aadhaar Card No. 6138 6169 9518 declare that I have changed my name from Gopal Chandra Dhal to Trilochan Dhal. Henceforth, I shall be known as Trilochan Dhal for all purposes.

Sd/-
Trilochan Dhal

AFFIDAVIT

By virtue of an affidavit sworn before Executive Magistrate, Khaira, Balasore dated 06.08.2026, I, Rambhamani Panda, aged about 61 years, W/o- Sanatan Panda, At/Po- Kurunta, Ps- Khaira, Dist- Balasore declare that I have changed my name from Rambhabati Panda to Rambhamani Panda. Henceforth, I shall be known as Rambhamani Panda for all purposes.

Sd/-
Rambhamani Panda

AFFIDAVIT

By virtue of an affidavit sworn before Executive Magistrate, Khaira, Balasore dated 27.07.2026, I, Ranjita Pal, aged about 44 years, W/o- Surendra Pal, At- Barahampur, Po- Srirampur, Ps- Khaira, Dist- Balasore declare that I have changed my name from Ratnamanjari Mohanty to Ranjita Pal. Henceforth, I shall be known as Ranjita Pal for all purposes.

Sd/-
Ranjita Pal

ଏମ୍‌ସିଏଲ୍ ପାଳନ କଲା ସଦ୍‌ଭାବନା ଓ ଦେଶପ୍ରେମର ସହ ୮୦ତମ ସ୍ୱାଧୀନତା ଦିବସ

ସମ୍ବଲପୁର(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ପକ୍ଷରୁ ଅତ୍ୟନ୍ତ ଗର୍ବ, ଗୌରବ ଓ ଦେଶପ୍ରେମର ସହ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସମ୍ବଲପୁରସ୍ଥିତ କମ୍ପାନୀର ମୁଖ୍ୟାଳୟରେ ଆୟୋଜିତ ଏହି ସମାରୋହରେ ଏମ୍‌ସିଏଲ୍‌ର ଅଧକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଜାତୀୟ ପତାକା ଉତୋଳନ କରିବା ସହ ମାର୍ଚ୍ଚଫାଷ୍ଟ୍ ପ୍ୟାରେଡ୍‌ର ସଲାମୀ ଗ୍ରହଣ କରିଥିଲେ । ଶ୍ରୀ କାଓଲେ ନିଜ ଅଭିଭାଷଣରେ ସଂଗ୍ରାମୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦେଶର ଶକ୍ତି ସୁରକ୍ଷା କ୍ଷେତ୍ରରେ ଏମ୍‌ସିଏଲ୍‌ର ଗୁରୁତ୍ୱ ପୂର୍ଣ୍ଣ ଯୋଗଦାନ ଏବଂ ସିଏସ୍‌ଆର ଓ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ଖନନ ଅଂଚଳର ସମୁଦାୟ ବିକାଶ ପାଇଁ ନିରନ୍ତର ପ୍ରଚେଷ୍ଟା ସମ୍ପର୍କରେ

ଆଲୋକପାତ କରିଥିଲେ । ଗତ ତିନୋଟି ଆର୍ଥିକ ବର୍ଷରେ କ୍ରମାଗତ ଭାବେ ୨୦୦ ମିଲିୟନ୍ ଟନ୍‌ରୁ ଅଧିକ କୋଇଲା ଉତ୍ପାଦନ ହାସଲ କରିଥିବାରୁ ସେ 'ଟିମ୍ ଏମ୍‌ସିଏଲ୍'ର ନିଷ୍ଠା ଓ ପରିଶ୍ରମକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଶ୍ରୀ କାଓଲେ ସମସ୍ତ ଅଂଶୀଦାର ଏବଂ 'ଏମ୍‌ସିଏଲ୍ ପରିବାର'କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ । ସମାରୋହରେ ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ସଞ୍ଜୟ କୁମାର ଝା, ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ଶ୍ରୀ ସମ୍ବୀତ ସୌରଭ ନାୟକ, ପ୍ରାକ୍ତନ ନିର୍ଦ୍ଦେଶକବୃନ୍ଦ, ବରିଷ୍ଠ ଅଧିକାରୀଗଣ, ଜାଗୃତି ମହିଳା ମଣ୍ଡଳର ଉପସଭାପତି ଓ ସଦସ୍ୟାବୃନ୍ଦ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଏବଂ ଅନ୍ୟାନ୍ୟ ହିତାଧିକାରୀମାନେ ଉପସ୍ଥିତ ଥିଲେ । ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ମନୋମୁଗ୍ଧକର ନୃତ୍ୟ ଏହି ଉତ୍ସବକୁ ଆହୁରି ରଙ୍ଗୀନ୍ କରିଥିଲା । ବୋର୍ଡ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଁ ଡିଏଭି ପବ୍ଲିକ୍ ସ୍କୁଲ, ବୁର୍ଲାର ଦଶମ ଓ ଦ୍ୱାଦଶ ଶ୍ରେଣୀର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହାସହ ଶ୍ରେଷ୍ଠ ମାର୍ଚ୍ଚଫାଷ୍ଟ୍ ଏବଂ ସାଂସ୍କୃତିକ କ

ଜୟ ଜଗନ୍ନାଥ ମର୍ଣ୍ଣିଂ ୱାକର କ୍ଲବକୁ ଦୀର୍ଘ ୧୭ ବର୍ଷର ସାମାଜିକ ସେବା ଓ ସ୍ୱାସ୍ଥ୍ୟ ସଚେତନତା ଯାତ୍ରାକୁ ମିଳିଲା ଆନ୍ତର୍ଜାତୀୟ ସ୍ୱୀକୃତି

ବ୍ରହ୍ମପୁର(ନି.ପ୍ର.) : ଦୀର୍ଘ ୧୭ ବର୍ଷ ଧରି ସାମାଜିକ ସେବା, ସ୍ୱାସ୍ଥ୍ୟ ସଚେତନତା, ପରିବେଶ ଓ ପର୍ଯ୍ୟଟନ ଅନ୍ୱେଷଣ ସହିତ ପରିବାରିକ ବନ୍ଧୁତ୍ୱ ଓ ଭାଇଚାରାକୁ ନେଇ ନିରନ୍ତର କାର୍ଯ୍ୟ କରିଆସୁଥିବା ଜୟ ଜଗନ୍ନାଥ ମର୍ଣ୍ଣିଂ ୱାକର୍ସ କ୍ଲବ ଆଜି ଏକ ଐତିହାସିକ ସଫଳତା ହାସଲ କରିଛି । ୱାକର ଇ[ରନେସନାଲ କ୍ଲବ ପକ୍ଷରୁ ଏହି କ୍ଲବକୁ ଅନ୍ତର୍ଜାତୀୟ ମାନ୍ୟତା ଓ ଅଫିଲିଏସନ୍ ପ୍ରଦାନ କରାଯାଇଛି । ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମାଷ୍ଟର୍ ଅଫ୍ ସେରୋମୋନୀ ଏମଓଏସ ସୀମାଂଚଳ ପାଣିଗ୍ରାହିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୱାକର ଇ[ରନେସନାଲ କ୍ଲବର ପୂର୍ବତନ ନ୍ୟାସନାଲ୍ ପ୍ରେସିଡେ[ଡ଼. ଜୟନ୍ତ ରାଓ ମୂଖ୍ୟ ଅତିଥି ଭାବେ ଯୋଗ ଦେଉଥିବା ବେଳେ ଡିଷ୍ଟ୍ରିକ୍ଟ ଗଭର୍ନର ରାଜକିଶୋର ସ୍ୱାଇଁ, ପ୍ରେସିଡେ[ପ୍ରସନ୍ନ କୁମାର ପୃଷ୍ଟି, ସେକ୍ରେଟାରୀ ମହେଶ୍ୱର ରାଓ ଅତିଥି ରୂପେ ଯୋଗ ଦେଇଥିଲେ ଷ୍ଟ ଜୟ ଜଗନ୍ନାଥ ମର୍ନିଙ୍ଗ ୱାକର କ୍ଲବ ସଭାପତି ନୃସିଂହ ପ୍ରସାଦ ପଟ୍ଟନାୟକ, ସମ୍ପାଦକ ନାଗେଶ୍ୱର ପୃଷ୍ଟି, ଉପସଭାପତି କାମନା ପାଢ଼ୀ ଓ ରବୀନ୍ଦ୍ର ପଣ୍ଡା, କୋଷାଧକ୍ଷ ଡା. ସମୀର କୁମାର ନାୟକ, ଯୁଗ୍ମ ସମ୍ପାଦକ ଡ଼ା. କିରଣ କୁମାର ପାଣିଗ୍ରାହୀ ଏବଂ ଜଲି ୱାକର୍ ସୁଶାନ୍ତ ପାଢ଼ୀଙ୍କୁ ନୂତନ ଅଫିସ୍ ବିଅରର୍ ଭାବେ ଚୟନ କରାଯାଇଥିଲା । ଅନୁଷ୍ଠିତ ସମାରୋହରେ ଅତିଥିମାନେ ଜୟ ଜଗନ୍ନାଥ ମର୍ଣ୍ଣିଂ ୱାକର୍ସ କ୍ଲବର ୧୭ ବର୍ଷର ଯାତ୍ରାକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହାର କାର୍ଯ୍ୟକଳାପକୁ ଅଧିକ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇଥିଲେ । ନିୟମିତ ପ୍ରାତଃ ଭ୍ରମଣ ମାଧ୍ୟମରେ ସୁସ୍ଥ ଜୀବନଶୈଳୀର ପ୍ରଚାର, ସ୍ୱାସ୍ଥ୍ୟ ସଚେତନତା, ସାମାଜିକ ସେବା, ପାରିବାରିକ ମିଳନ, ପ୍ରକୃତି ଓ ପର୍ଯ୍ୟଟନ ସ୍ଥଳୀର ଅନ୍ୱେଷଣ ଭଳି ବିଭିନ୍ନ କାର୍ଯ୍ୟକଳାପ କ୍ଲବର ସଦସ୍ୟମାନଙ୍କ ମଧ୍ୟରେ ଏକ ଦୃଢ଼ ଏକତା ଓ ଭାଇଚାରା ସୃଷ୍ଟି କରିଆସିଛି । ଅନ୍ତର୍ଜାତୀୟ ମାନ୍ୟତା ପାଇବା ପରେ କ୍ଲବର ସଦସ୍ୟମାନଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଥିଲା । ସଦସ୍ୟମାନେ ଏହି ସ୍ୱୀକୃତିକୁ କେବଳ ଏକ ସମ୍ମାନ ନୁହେଁ ବରଂ ଆଗାମୀ ଦିନରେ ଅଧିକ ସଂଗଠିତ ଭାବରେ ସାମାଜିକ ଓ ସ୍ୱାସ୍ଥ୍ୟସେବାମୂଳକ କାର୍ଯ୍ୟ କରିବାର ଏକ ନୂତନ ପ୍ରେରଣା ବୋଲି ମତବ୍ୟକ୍ତ କରିଥିଲେ । ଏହି ଗୌରବମୟ କାର୍ଯ୍ୟକ୍ରମର ଶେଷରେ ଯୁଗ୍ମ ସମ୍ପାଦକ ଡ଼. କିରଣ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅନ୍ତର୍ଜାତୀୟ ସ୍ୱୀକୃତି ଜୟ ଜଗନ୍ନାଥ ମର୍ଣ୍ଣିଂ ୱାକର୍ସ କ୍ଲବର ୧୭ ବର୍ଷର ସଫଳ ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିଥିବାବେଳେ ଆଗାମୀ ଦିନରେ କ୍ଲବଟି ଅଧିକ ଉତ୍ସାହ ଓ ନିଷ୍ଠାର ସହିତ ସମାଜସେବାରେ ନିଜର ଅବଦାନ ଜାରି ରଖିବ ବୋଲି ସଦସ୍ୟମାନେ ଆଶା ପ୍ରକାଶ କରିଛନ୍ତି ।

ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ପଡ଼ିଆରେ ସ୍ୱାଧୀନତା ଦିବସ ପାଳିତ

ଝାରସୁଗୁଡା(ନି.ପ୍ର.)-ଗତ କାଲି ୮୦ତମ ସ୍ୱାଧୀନତା ଦିବସ ଝାରସୁଗୁଡ଼ା ହକି ଷ୍ଟାଡ଼ିୟମ ପରିସରରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଭାରତୀୟ ମହିଳା ହକି ଦଳର ପୁର୍ବତନ କ୍ୟାପଟେନ ଶୁଭଦ୍ରା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପୁର୍ବାହ୍ନ ୮ଟା ୩୦ ମିନିଟ ସମୟରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ ଥିବା ବାଳକ ବାଳିକା କ୍ରୀଡ଼ାବିତ ମାନଙ୍କୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ ଦେଶର ପ୍ରତେକ କ୍ଷେତ୍ରରେ ଏହି ତ୍ରିରଙ୍ଗାର ସମ୍ମାନ ରଖିବା ସହିତ ସନ୍ଧିଧାନର ମର୍ଯ୍ୟାଦା ରଖିବା । ପିଲାମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ନିଜ ରାଜ୍ୟର ପ୍ରତିନିଧିତ୍ୱ କରିବା ସହିତ ଭାରତୀୟ ଦଳରେ ସ୍ଥାନ ବଜାୟ ରଖି ବିଶ୍ୱ ସ୍ତରରେ ଆମର ଏହି ତ୍ରିରଙ୍ଗାର ମାନ ରଖିବା ଉଚିତ । ଏହି କାର୍ଯ୍ୟକ୍ରମରେ ହକି ଓଡିଶାର ଉପସଭାପତି ଜୀବନ ମହାନ୍ତି,ଜିଲ୍ଲା ହକି ଆସୋସିଏସନର ସଭ୍ୟ ଜ୍ୟୋତି ଲାଟ,କ୍ଲେମେ□ ରୋନାଲ୍ଡ,ହକି କୋଚ ସକୁନ୍ଦ ନାଏକ,ପ୍ରଫୁଲ୍ଲ କୁଲୁ ଓ ଡ଼ିଫୋର ଟେଟେ ପ୍ରଭୃତି ଉପସ୍ଥିତ ଥିଲେ ।

ବ୍ରାହ୍ମଣୀରେ ବନ୍ୟା, ପାଂଚ ପଂଚାୟତର ଛଅ ଗ୍ରାମ ପାଣିଘେରରେ

ଭୁବନ, (ହି.ସ.)- ଓଡ଼ିଶାର ଦ୍ୱିତୀୟ ବୃହତମ ନଦୀ ବ୍ରାହ୍ମଣୀରେ ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ବନ୍ୟା ଆସିବାରୁ ଢ଼େଙ୍କାନାଳ ଜିଲ୍ଲା ଭୁବନ ବ୍ଲକର ୫ ପଂଚାୟତର ୬ ଗ୍ରାମ ପାଣିଘେରରେ ରହିଛି । ବନ୍ୟା ପ୍ରଭାବିତ ଅଂଚଳରେ ଦୁର୍ଦ୍ଦଶା ଦୁଇଗୁଣିତ ହୋଇପଡ଼ିଛି । ଦୁଇ ଦିନ ହେଲା ୬ଟି ଗାଁ ଜଳବନ୍ଦୀ ଅବସ୍ଥାରେ ରହିଛି । ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହେବା ସହ ଚାଷଜମିରେ ବନ୍ୟାଜଳ ଜମି ରହିଥିବାରୁ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ପ୍ରସିଦ୍ଧ ଶୈବପୀଠ ବୁଦ୍ଧେଶ୍ୱର ମନ୍ଦିର ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ କାଉଡ଼ିଆ ମାନେ ବହୁ ହିନସ୍ତା ହୋଇ ଦୀର୍ଘ ପଥ ଅତିକ୍ରମ କରି ମନ୍ଦିରରେ ପହଂଚି ଜଳଲାଗି କରିଥିଲେ । ଭୂଷଳ ପଂଚାୟତର ଜୟପୁର, ଯମୁନାକୋଟର କୃଷ୍ଣପୁର, ବାଲିବୋ ପଂଚାୟତର କୁମର୍ଦ୍ଦା ଓ ଅରିଲୋ, ସୁରପ୍ରତାପପୁର ପଂଚାୟତର ପାଟପୁର ଏବଂ ଗଡ଼ନୃସିଂହପ୍ରସାଦ ପଂଚାୟତର କାଶୀପୁର ଗ୍ରାମ ସମ୍ପୂର୍ଣ ବନ୍ୟାଜଳଘେରରେ ରହିଛି । ଲୋକମାନେ ଘରୁ ବାହାରିବାକୁ ଅସମର୍ଥ ହୋଇଥିବା ବେଳେ ଗୃହପାଳିତ ପଶୁଙ୍କ ପାଇଁ ଖାଦ୍ୟ ଯୋଗାଡ଼ ମଧ୍ୟ ଚିନ୍ତାର କାରଣ ପାଲଟିଛି ।ମାଳପୁରା ଇନଟୁକ୍ ରାସ୍ତା ବିପଦରେ ରହିଛି । ମାର୍ଥାପୁର ପଂଚାୟତର ମାଳପୁରା ଗାଁ ନିକଟରେ ଥିବା ଇନଟୁକ୍ ୱେଲ୍ କୁ ଯାଇଥିବା ରାସ୍ତା ଏବେ ବିପଦସଙ୍କୁଳ ହୋଇପଡ଼ିଛି । ବନ୍ୟାଜଳର ପ୍ରଖର ସ୍ରୋତରେ ରାସ୍ତାର ବିଭିନ୍ନ ସ୍ଥାନ କ୍ଷତିଗ୍ରସ୍ତ ହୋଇ ପଡ଼ିଛି । ମଠକରଗୋଲା ନିକଟରେ ରାମିଆଳ ନଦୀ ଗର୍ଭରେ ଥିବା ଏକ ଫାର୍ମହାଉସ୍ ବନ୍ୟାଜଳଘେରରେ ରହିଥିବା ବେଳେ ସେଠାରେ ରହୁଥିବା ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କୁ ଅଗ୍ନିଶମ ବାହିନୀ ବୋଟ୍ ଯୋଗେ ଉଦ୍ଧାର କରି ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଇଥିଲା ।ଯମୁନାକୋଟ-ମାର୍ଥାପୁର ପୂର୍ତ ରାସ୍ତାରେ ଥିବା ନିଛା ପୋଲ ଉପରେ ପ୍ରାୟ ୩ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇଥିଲା । ଏବେ ବନ୍ୟାଜଳ ହ୍ରାସ ପାଇବା ପରେ ରାସ୍ତାର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ସ୍ପଷ୍ଟ ହୋଇଛି । ମହିମା ସେତୁରୁ ଗୋବିନ୍ଦପୁର ମାଳବନ୍ଧ ଦେଇ ଯାଇଥିବା ରାସ୍ତାର ରତାସାହି ନିକଟରେ ପୂର୍ତ ରାସ୍ତା ଧସିପଡ଼ିଛି । ଅନ୍ୟପଟେ ଓଜଣା ଗ୍ରାମ ନିକଟରେ ମାଳବନ୍ଧ ଭାଙ୍ଗିଯାଇଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ଆତଙ୍କ ବଢ଼ିଛି । ବନ୍ୟାର ପ୍ରଖର ସ୍ରୋତରେ ମାର୍ଥାପୁର ବ୍ରିଜ୍ କୁ ଯାଇଥିବା ରାସ୍ତା ମଧ୍ୟ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ଅନେକ ସ୍ଥାନରେ ମାଟି ଧୋଇଯିବା ସହ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଫଳରେ ଯାତାୟାତ ଓ ଦୈନନ୍ଦିନ ଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି ।ବ୍ଲକର ବିଭିନ୍ନ ଗ୍ରାମରେ ହଜାର ହଜାର ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡ଼ି ରହିଛି । ଅନେକ ଦିନ ଧରି ପାଣିରେ ବୁଡ଼ି ରହିବାରୁ ଧାନ ଗଛ ପଚିବା ଆରମ୍ଭ ହୋଇଛି । ଚାଷୀମାନେ ଚାଷରେ ଖର୍ଚ୍ଚ କରିଥିବା ଟଙ୍କା ଫେରିପାଇବା ନେଇ ଚିନ୍ତାରେ ପଡ଼ିଛନ୍ତି । ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସରକାରୀ ସହାୟତା ଓ କ୍ଷତିପୂରଣ ଦେବାକୁ ଦାବି ହୋଇଛି ।ଅନ୍ୟପକ୍ଷରେ ସରକାରୀ ଅଧିକାରୀଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ ଦେଖାଦେଇଛି ।

ସୁବର୍ଣ୍ଣରେଖାରେ ପ୍ରଥମ ବନ୍ୟା

ଭୋଗରାଇ ଉବୁଡୁବୁ, ବହୁ ଗାଁ ପାଣିରେ ପ୍ରଭାବିତ

କର୍ମଦା, (ନି.ପ୍ର.) ଲଘୁଚାପ ଜନିତ ପ୍ରବଳ ବର୍ଷା ଓ ଝାଡଖଣ୍ଡର ଗାଲୁଡିହ ବ୍ୟାରେଜରୁ ଅଧିକ ପାଣି ଛାଡିବା ଫଳରେ ସୁବର୍ଣ୍ଣରେଖା ନଦୀର ଜଳପତନ ବୃଦ୍ଧି ପାଇ ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟା ଆସିଛି । ନଦୀ ଫୁଲିବା ଦ୍ୱାରା ଭୋଗରାଇର ସମସ୍ତ ନଦୀକୂଳିଆ ଗାଁ ଓ ତଳିଆ ଅଂଚଳ ସବୁ ଜଳମଗ୍ନ ହୋଇଛି । ନଦୀରେ ବନ୍ୟା ଦେଖି ଭୋଗରାଇ ବ୍ଲକର ତଳିଆ ଅଂଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଭୋଗରାଇ ବ୍ଲକର ୨୦ ଟି ପଂଚାୟତ, ଆରୁହାବୃତି-୧,ଖରିଦପିପଳ, କୁଶୁଡା, ଗବଗାଁ, ନାଚିନ୍ଦା, ପୁଟୀଣା,ନହଗାଁ, କରୁଆଡି, ବାରୁହା, କୁଳିଦା, ମହାଗବ,ଦାହୁଣଦା, ଗୁଣସାର୍ଥୀ, ବାଉଁଶଡିହା, ସିଆଁରୋଇ, ଦୁଡପଳ, ବାଲିମ୍, କସବାକର୍ମଦା, କୁସ୍ତୀରଗଡି, ଜୟରାମପୁର, ଆଦି ପଂଚାୟତର ତଳିଆ ଗାଁ ମନୁନଗର, ରସଲପୁର, ହୁଡାପାଳ, ବାରବାଟିଆ, ଖରିତଚକ,ନାଚିନ୍ଦା, ମହମ୍ମଦପୁର, ଡେଉଁର, ଜଳଧା, ଚିରକୁଲା, ନୀଳପୁରା, ହରିଣକୁଲି, ରଘୁଚକ, ନୟାପାଲି, ମିଆଁପାଟଣା, ଗବଗାଁ, କୁଶୁଡା, ପନ୍ତାଇ, ଖଲାବାଡିଆ, କୋଲ୍ଲା, ସମେତ ଅନେକ ଗାଁ ଜଳମଗ୍ନ ହୋଇ ଗାଁ ପ୍ରଭାବିତ ହୋଇଛି । ଲୋକଙ୍କ ଜୀବନ ଜୀବିକା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ସୁବର୍ଣ୍ଣରେଖା ନଦୀ ବନ୍ୟା ପାଣିରେ ଜଳସ୍ତର ବୃଦ୍ଧି ଓ ଲଗାଣ ବର୍ଷା ତଳିଆ ଅଂଚଳରେ ଲୋକଙ୍କ ଦୁର୍ଦ୍ଧଶା ବଢିବା ସହିତ ପାଣି କଲବଲ କରୁଛି । ଲୋକେ ଆତଙ୍କିତ ଅବସ୍ଥାରେ ଘର ଭିତରେ ରହୁଛନ୍ତି । ତିନିଦିନ ହେଲା ଲଗାଣ ବର୍ଷା ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରୁଛି । ବହୁ ରାସ୍ତା ଉପରେ ୪ ଫୁଟ ଉଚ୍ଚ ପାଣି ସ୍ରୋତ ଯୋଗୁଁ ଲୋକେ ନାହିଁନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି । ଗାଁର ତଳିଆ ଘର ଓ ଚାଷ ଜମି ସବୁ ଚାରିଆଡେ ଜଳାର୍ଣ୍ଣବ ହୋଇଛି । ଏଥିସହ ଦକ୍ଷିଣ ଭୋଗରାଇ ଅଂଚଳରେ ୩୦ଟି ପଂଚାୟତ ଲଗାଣ ବର୍ଷା ଯୋଗୁଁ ବହୁ ଗାଁ ଲୋକେ ପାଣି ଭିତରେ ଯାତାୟତ କରୁଛନ୍ତି । । ବନ୍ୟା ପ୍ରତି ଦୃଷ୍ଟି ରଖାଯାଇଥିବାବେଳେ ଭୋଗରାଇ ବ୍ଲକର କୁସ୍ତୀରଗତି, କୁଶୁଡା, ଆରୁହାବୃତି-୧ ,ମଚୁନନଗର,କୁଳିଦା ,ଗବଗାଁ, ଖରିଦପିପଳ, ନାଚିନ୍ଦା ଆଦି ପଂଚାୟତର ବିଭିନ୍ନ ସ୍ଥାନରେ ୪୨୦୦ ବିପନ୍ନ ଲୋକଙ୍କୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଦିଆଯିବା ସହିତ ସରକାରୀ କର୍ମଚାରୀଙ୍କୁ ମୁତୟନ କରି ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ ମହଜୁଦ ରଖାଯାଇଛି ବୋଲି ବିଡିଓ ପ୍ରଶାନ୍ତ କୁମାର ମହାରଣା କହିଛନ୍ତି । ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସତର୍କ ଓ ସଚେତନ କରାଯାଇଛି । ସେହିପରି ତଳିଆ ଅଂଚଳରେ ଜଳସେଚନ ବିଭାଗ ପକ୍ଷରୁ ବିଭିନ୍ନ ସୁଇଚ୍ ଗେଟ୍ ଓ ନଦୀ ବନ୍ଧ ମାନଙ୍କରେ ନଜର ରଖାଯାଇଛି । ବନ୍ୟା ପରିସ୍ଥିତି ପରିପ୍ରେକ୍ଷୀରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ଜଣାପଡିଛି । ବୁଦ୍ଧିଜୀବି ମହଲରେ ପାଣି ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ।

ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିର ନୂତନ କର୍ମକର୍ତା ଘୋଷଣା

ନୂଆପଡ଼ା, (ନି.ପ୍ରା): ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୋଡ଼େନ, ସିନାପାଲି, ଖଡ଼ିଆଳ ବ୍ଲକ୍ ଏବଂ ଖଡ଼ିଆଳ ନଗର କମିଟି ପାଇଁ ନୂତନ କର୍ମକର୍ତାଙ୍କ ନାମ ଘୋଷଣା କରାଯାଇଛି । ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ଏହି ନୂତନ ନିଯୁକ୍ତି ପତ୍ର ପ୍ରକାଶ କରିଛନ୍ତି ।

ବୋଡ଼େନ ବ୍ଲକ୍ କମିଟି:ଏହି କମିଟିର ସଭାପତି ଭାବେ ମଝିଆ ମାଝି, ଉପସଭାପତି ଭାବେ ସୌଦାଗର ସାହୁ, ବିଶିକେଶନ ବିଶ୍ୱାଳ, ଅନ୍ତ ଚିନ୍ଦା ଏବଂ ସାଧାରଣ ସମ୍ପାଦକ ଭାବେ ପୁଷ୍ପମ ନାଗ ମନୋନୀତ ହୋଇଛନ୍ତି । ସେହିପରି ସମ୍ପାଦକ ଦାୟିତ୍ୱ ଗମ୍ଭୀର ତାଣ୍ଡି, ସୁରେନ୍ଦ୍ର ନିଆଲ, ପ୍ରଦୀପ ସିଂ ମାଝି, ହେମ୍ ପୂଜାରୀ, ଯଦୁରାମ ଦଳଙ୍କୁ ଦିଆଯାଇଥିବା ବେଳେ ସଞ୍ଜୁ ଅଗ୍ରୱାଲ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି ।ସିନାପାଲି ବ୍ଲକ୍ କମିଟି:ସିନାପାଲି ବ୍ଲକ୍ କମିଟିର ସଭାପତି ଭାବେ ଗୋଦାବରୀଶ ନାଏକ, ଉପସଭାପତି ଭାବେ ବାବାଜୀ ମାଝି, ତ୍ରିନାଥ ମେହେର, ଫୁଲଚାନ୍ଦ ଦଣ୍ଡସେନା ଏବଂ ସାଧାରଣ ସମ୍ପାଦକ ଭାବେ ହେମନ୍ତ କୁମାର ଖମାରୀ ନିଯୁକ୍ତ ହୋଇଛନ୍ତି । ସମ୍ପାଦକ ଭାବେ କିଶୋର ନାଗ, ମନୀଷ ପଟେଲ, ରମେଶ କଟା, ଗଣେଶ ନାଏକ, ହାଡୁରାମ ମେହେର ଏବଂ କୋଷାଧକ୍ଷ ଭାବେ ଶ୍ରୀକୃଷ୍ଣ ନାଏକଙ୍କୁ ଦାୟିତ୍ୱ ଦିଆଯାଇଛି ।ଖଡ଼ିଆଳ ବ୍ଲକ୍ କମିଟି:ଖଡ଼ିଆଳ ବ୍ଲକ୍ର ନୂତନ ସଭାପତି ଭାବେ ହୀରାଧର ମେହେର, ଉପସଭାପତି ଭାବେ ଦସମୁ ବେହେରା, କୁନୁ ଚରଣ ବେହେରା, ଡୁକାରାମ ହିଆଲ ଏବଂ ସାଧାରଣ ସମ୍ପାଦକ ଭାବେ ମନୋଜ କୁମାର ସୁନାନୀ ମନୋନୀତ ହୋଇଛନ୍ତି । ସମ୍ପାଦକ ଭାବେ କୁଞ୍ଜ ବିହାରୀ କଟା, ଚିଖିରାମ ମାଝି, ଶିଶୁପାଳ ବାଗ, ପ୍ରେମଲାଲ ବାଗ, ମହେନ୍ଦ୍ର ମାଝି ଏବଂ କୋଷାଧକ୍ଷ ଭାବେ ଶହଜାଦ ଖାନଙ୍କ ନାମ ଘୋଷଣା କରାଯାଇଛି ।ଖଡ଼ିଆଳ ନଗର କମିଟି (ଘଇଉ): ଖଡ଼ିଆଳ ନଗର କମିଟିର ସଭାପତି ଭାବେ ଦୀପକ କୁମାର ଖମାରୀ, ଉପସଭାପତି ଭାବେ ଦୁର୍ଜନ ନାଗ, ନବୀନ ଚାନ୍ଦ ଧୀରୀ, ଛବିଳ ଦୀପ ଏବଂ ସାଧାରଣ ସମ୍ପାଦକ ଭାବେ ସତପାଲ ସିଂ ଛାବଡ଼ା ଦାୟିତ୍ୱ ଗ୍ରହଣ କରିଛନ୍ତି । ସେହିପରି ସମ୍ପାଦକ ଭାବେ ରାଜେନ୍ଦ୍ର ବାରିକ, ରିତେଶ ପଟ୍ଟନାୟକ, ଜାକିର ଅହମ୍ମଦ ଖାନ, ଧନେଶ୍ୱର ଦାସ, ରଶ୍ମିନ ପଟ୍ଟନାୟକ ଏବଂ କୋଷାଧକ୍ଷ ଭାବେ ସଞ୍ଜୟ ନାଏକ ମନୋନୀତ ହୋଇଛନ୍ତି । ଏହି ନୂତନ ନିଯୁକ୍ତି ତୁରନ୍ତ ଲାଗୁ ହେବ ବୋଲି ବିଜେଡି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହି ନୂତନ କର୍ମକର୍ତାଙ୍କ ଆଗମନ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ସୁଦୃଢ଼, ସଂଗଠିତ ଓ କ୍ରିୟାଶୀଳ ହେବ ବୋଲି ଦଳୀୟ ମହଲରେ ଆଶା ପ୍ରକାଶ ପାଇଛି ।

ୟୁଏଆଇଏଲ୍ ପକ୍ଷରୁ ମେଗା ରକ୍ତଦାନ ଶିବିର: ୨୩୫ ୟୁନିଟ୍ ରକ୍ତ ସଂଗୃହୀତ

ରାୟଗଡ଼ା,(ନି.ପ୍ର.) ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଏହାର ସିଏସଆର ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସହଯୋଗରେ ସ୍ଥାନୀୟ ନୂଆପଡ଼ା ଟାଉନସିପ କ୍ଲବ୍ ହାଉସ୍ଠାରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଅଛି । ରକ୍ତ ଦାନ, ମହତ ଦାନ ଏହି ମହତ୍ ଉଦ୍ଦେଶ୍ୟ ନେଇ ଉକ୍ତ ଶିବିରରେ ସ୍ଥାନୀୟ ସମୁଦାୟ ଓ କମ୍ପାନୀ କର୍ମଚାରୀମାନଙ୍କର ଉତ୍ସାହଜନକ ସହଯୋଗ ପରିଲକ୍ଷିତ ହୋଇଥିବା ବେଳେ ମୋଟ ୨୩୫ ୟୁନିଟ୍ ରକ୍ତ ଏହି ଶିବିରରୁ ସଂଗ୍ରହ କରାଯାଇଥିଲା । ଉକ୍ତ ଶିବିରକୁ ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଏହି ଅବସରରେ ବରିଷ୍ଠ ପରିଚାଳନା ଦଳ, ସିଏସଆର ମୁଖ୍ୟ ଶ୍ରୀମତୀ ଲୋପାମୁଦ୍ରା ମିଶ୍ର, ପ୍ଲା[ସିଏସଆର ବିଭାଗ ମୁଖ୍ୟ ଶ୍ରୀ ଦିଗନ୍ତ ମହାନ୍ତି ଏବଂ ସିଏସଆର ଟିମ୍ ?ର ସମସ୍ତ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ । ଏଥିସହିତ ଉତ୍କଳ ହସ୍ପିଟାଲରେ ସିଏମ୍ଓ ଡା. ରଞ୍ଜନ କୁମାର ଲେଙ୍କା, ଡା. ରାଜେନ୍ଦର ମଣ୍ଡଳ ଏବଂ ରିଫାଇନେରୀ ଇଞ୍ଜିନିୟରିଂର ଏଭିପି ଶ୍ରୀ ଗିରିଜା ପଣ୍ଡା ଉପସ୍ଥିତ ରହି ରକ୍ତଦାନ ଶିବିରକୁ ତଦାରଖ କରିଥିଲେ । ଉକ୍ତ ଶିବିରକୁ ସୁଚାରୁ ଭାବେ ପରିଚାଳନା ନିମନ୍ତେ ସିଏସଆର ଟିମ୍ ?ର ସଦସ୍ୟ ସୁଧୀର କୁମାର ନାୟକ, ରୁପେନ ପଟ୍ଟନାୟକ, ସୌମ୍ୟ ରଞ୍ଜନ ସ୍ୱାଇଁ, ଗଜେନ୍ଦ୍ର ନାଏକ, ସତ୍ୟଭାମା ନାୟକ, କାର୍ତିକେଶ୍ୱର ସାହୁ, ମୋହିନୀ

ଶ୍ରୀମତ୍ସ ୨୮୪ ଜନର ମଧ୍ୟାଞ୍ଚଳ, ଆରମ୍ଭରୁ ୧୭୮ ଜନ ଧୃତିଗୁଡ଼ି ମିଳିତା

ବାଲେଶ୍ୱର : ବାଲେଶ୍ୱର ଜିଲ୍ଲା ପୋଲିସ ଓ ଶ୍ରୀମତ୍ସ ମିଳିତା ଫାଉଣ୍ଡେସନ୍ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା ୩ ଦିନିଆ ଧରପଡ଼ ଅଭିଯାନରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୭୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏମାନଙ୍କ ମଧ୍ୟରୁ ୧୪୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏମାନଙ୍କ ନିକଟରୁ ୧୪ କିଲୋ ୩୫୦ ଗ୍ରାମ ଗଞ୍ଜେଇ, ୧୫୨ ଗ୍ରାମ ଚରସ୍ ଓ ୧୫୦ ଗ୍ରାମ ଏମ୍‌ଡିଏମ୍‌ଏ ଜବତ କରାଯାଇଛି । ଏଥିସହ ୨୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ୩୭ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏମାନଙ୍କ ନିକଟରୁ ୧୫୭ ଗ୍ରାମ ଗଞ୍ଜେଇ, ୧୫୨ ଗ୍ରାମ ଚରସ୍ ଓ ୧୫୦ ଗ୍ରାମ ଏମ୍‌ଡିଏମ୍‌ଏ ଜବତ କରାଯାଇଛି । ଏଥିସହ ୨୫୭ ଜଣଙ୍କ ବିରୋଧରେ ୧୦୭ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏମାନଙ୍କ ନିକଟରୁ ୪୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏଥିସହ ୩୧୫ ଜଣଙ୍କ ବିରୋଧରେ ୯୩ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏମାନଙ୍କ ନିକଟରୁ ୧୫୭ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏଥିସହ ୩୧୫ ଜଣଙ୍କ ବିରୋଧରେ ୯୩ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏମାନଙ୍କ ନିକଟରୁ ୧୫୭ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏଥିସହ ୩୧୫ ଜଣଙ୍କ ବିରୋଧରେ ୯୩ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି ।

ଏଥିସହ ଜିଲ୍ଲାର ୧୦୦ ଜଣ ଦାଗୀ ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇଛି । ଏମାନଙ୍କ ମଧ୍ୟରୁ ୪୨ ଜଣଙ୍କୁ ଗିରଫ କରାଯାଇଛି । ଏଥିସହ ୩୫ ଜଣଙ୍କ ବିରୋଧରେ ୭୩ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏମାନଙ୍କ ନିକଟରୁ ୧୫୭ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏଥିସହ ୩୧୫ ଜଣଙ୍କ ବିରୋଧରେ ୯୩ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏମାନଙ୍କ ନିକଟରୁ ୧୫୭ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏଥିସହ ୩୧୫ ଜଣଙ୍କ ବିରୋଧରେ ୯୩ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏମାନଙ୍କ ନିକଟରୁ ୧୫୭ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି ।

ଏଥିସହ ଜିଲ୍ଲାର ୧୦୦ ଜଣ ଦାଗୀ ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇଛି । ଏମାନଙ୍କ ମଧ୍ୟରୁ ୪୨ ଜଣଙ୍କୁ ଗିରଫ କରାଯାଇଛି । ଏଥିସହ ୩୫ ଜଣଙ୍କ ବିରୋଧରେ ୭